ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୦ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 SEPTEMBER 2021

Vol.No. 32 ■ No. 241 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଚରଣଜିତ୍ ସିଂହ ଚନ୍ନି ପଞ୍ଜାବର ନୂଆ ମୁଖ୍ୟମନ୍ତ୍ରୀ

ଚଣ୍ଡିଗଢ଼,୧୯/୦୯ (ନି.ପ୍ର): ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ଅନେକ ଛକାପଞ୍ଜା ପରେ ପଞ୍ଜାବର ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ, ତା'ର ଘୋଷଣା କରାଯାଇଛି । କଂଗ୍ରେସ ନେତା ଚରଣଜିତ୍ ସିଂହ ଚନ୍ନି ପଞ୍ଜାବର ନୂଆ ମୁଖ୍ୟମନ୍ତ୍ରୀ ହେବେ । ଏହାର ଘୋଷଣା କରିଛନ୍ତି ପଞ୍ଜାବ କଂଗ୍ରେସର ପ୍ରଭାରୀ ହରିଶ ରାୱତ । ଚଣ୍ଡିଗଢ଼ରେ ହୋଇଥିବା କଂଗ୍ରେସ ବିଧାୟକ ଦଳର ବୈଠକରେ ଚନ୍ନିଙ୍କ ନାଁ ଉପରେ ମୋହର ଲଗାଯାଇଛି । ଏହା ପୂର୍ବରୁ ସୁଖଜିନ୍ଦର ସିଂହ ରନ୍ଧାୱାଙ୍କ ନାଁ ମୁଖ୍ୟମନ୍ତ୍ରୀ ପାଇଁ ସୁପାରିସ୍ ହୋଇଥିବା ଜଣାପଡ଼ିଥିଲା । କିନ୍ତୁ ଏହାର କେଇ ଘଣ୍ଟା ଭିତରେ ନୂଆ ମୁଖ୍ୟମନ୍ତ୍ରୀ ଘୋଷଣା ହେବା ସମସ୍ତଙ୍କୁ ଚକିତ କରିଦେଇଛି । କିଛି ସମୟ ତଳେ କଂଗ୍ରେସ ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ ସୂଚନା ଦେଇଥିଲେ ଯେ ପର୍ଯ୍ୟବେକ୍ଷକଙ୍କ ବିଧାୟକଙ୍କ ସହ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଚରଣଜିତ୍ ସିଂହ ଚନ୍ନି ସନ୍ଧ୍ୟା ୬.୩୦ରେ ରାଜ୍ୟପାଳଙ୍କୁ ଭେଟିବେ । ଚରଣଜିତ୍ ସିଂହ ଚନ୍ନି ରାଜ୍ୟର ଚମକୌର ସାହିସ ଆସନରୁ କଂଗ୍ରେସର ବିଧାୟକ ଅଛନ୍ତି । ସେ ଦଳିତ ସମ୍ପ୍ରଦାୟରୁ ଆସିଛନ୍ତି । ଚରଣଜିତ୍ ସିଂହ ଶନିବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା କ୍ୟାପଟେନ୍ ଅମରିନ୍ଦର ସିଂହଙ୍କର ଘୋର ବିରୋଧୀ ବୋଲି କୁହାଯାଉଛି । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରବଳ ଦାବିବାର କୁହାଯାଉଥିବା ସୁଖଜିନ୍ଦର ସିଂହ ରନ୍ଧାୱା ନୂଆ ମୁଖ୍ୟମନ୍ତ୍ରୀ ଘୋଷଣା ପରେ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଏହା ହାଇକମାଣ୍ଡଙ୍କ ନିଷ୍ପତ୍ତି । ଏହାକୁ ମୁଁ ସ୍ୱାଗତ କରୁଛି । ଚନ୍ନି ମୋ ସାନ ଭାଇ ଭଳି । ମୁଁ ହାଇକମାଣ୍ଡଙ୍କ ନିଷ୍ପତ୍ତିରେ ଆଦୌ ନିରାଶ ନୁହେଁ ବୋଲି ସୁଖଜିନ୍ଦର ସିଂହ କହିଛନ୍ତି । ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନେକ ନାଁ ଉପରେ ଚର୍ଚ୍ଚା ଚାଲିଥିଲା । ସର୍ବପ୍ରଥମେ ରାହୁଲ୍ ଗାନ୍ଧିଙ୍କ ଅତି ଘନିଷ୍ଠ ଓ ପଞ୍ଜାବର ପୂର୍ବତନ କଂଗ୍ରେସ ମୁଖ୍ୟ ସୁନୀଲ୍ ଜାଖରଙ୍କ ନାଁ ସାମ୍ନାକୁ ଆସିଥିଲା । ଏହା ପରେ କଂଗ୍ରେସ ହାଇକମାଣ୍ଡ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅମ୍ବିକା ସୋନୀଙ୍କୁ ଆଉ କିଛି ଦିନ ପାଇଁ ଦାୟିତ୍ୱ ନେବାକୁ କହିଥିଲା । ହେଲେ ସେ ସିଧାସଳଖ ମନା କରିଦେଇଥିଲେ । ସୋନି କହିଥିଲେ ଯେ ପଞ୍ଜାବର ମୁଖ୍ୟମନ୍ତ୍ରୀ ଜଣେ ଶିଖ୍ ହେବା ଦରକାର ଏବଂ ଏହି କାରଣରୁ ସେ ଏହି ପଦବୀ ପାଇଁ ମନା କରିଦେଲେ ।

ପ୍ରିୟଙ୍କା ହେବେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ !

ଲକ୍ଷ୍ନୌ,୧୯/୦୯ (ନି.ପ୍ର): ପ୍ରିୟଙ୍କା ଗାନ୍ଧି ଭଦ୍ରା ହେବେ କି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଆସନ୍ତାବର୍ଷ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ବିଜେପିକୁ କଡ଼ା ଟକ୍କର ଦେବାକୁ କଂଗ୍ରେସ ପ୍ରିୟଙ୍କାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବାକୁ କରୁଛି କି ମାନସ ମନ୍ଥନ ଶନିବାର ଦଳର ବରିଷ୍ଠ ନେତା ତଥା କେନ୍ଦ୍ର ମନ୍ତ୍ରୀ ସଲମାନ ଖୁର୍ସିଦ ଦେଇଥିବା ମନ୍ତବ୍ୟ ପରେ ଉଠିଛି ଏଭଳି ପ୍ରଶ୍ନ । ଗତକାଲି ପ୍ରୟାଗରାଜରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସଲମାନ ଖୁର୍ସିଦ କହିଥିଲେ, କଂଗ୍ରେସର ସାଧାରଣ ସଂପାଦକ

▶▶ପୃଷ୍ଠା ୭

ଆନ୍ଧ୍ର ସାଲୁର ସରକାରୀ କଲେଜରେ ଚାଲିଛି କୋଟିଆ ଭୋଟ୍ ଗଣତି

ଆନ୍ଧ୍ରପ୍ରଦେଶ,୧୯/୦୯(ନି.ପ୍ର): ଆନ୍ଧ୍ରରେ ଚାଲିଛି କୋଟିଆ ଭୋଟ ଗଣତି । ଆନ୍ଧ୍ର ପ୍ରଦେଶ ସାଲୁର ଏକ ସରକାରୀ ଡିଗ୍ରୀ କଲେଜରେ କୋଟିଆ ପଞ୍ଚାୟତର ଭୋଟ ଗଣତି ହେଉଛି । ଓଡ଼ିଶାର ବିରୋଧ ସତ୍ତ୍ୱେ ଗତ ଏପ୍ରିଲ ୮ ତାରିଖରେ କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର ଏବଂ ନରଡିସଓ୍ୱାଲାରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ନିର୍ବାଚନ କରାଯାଇଥିଲା । ଆନ୍ଧ୍ର ସୀମାରେ ରହୁଥିବା ଲୋକେ ଭୋଟ ଦେଇଥିବା ବେଳେ ଓଡ଼ିଶାର ଅଧିକାଂଶ ଲୋକ ଭୋଟ ଦାନ କେନ୍ଦ୍ରକୁ ଆସିନଥିଲେ । ହେଲେ ଆନ୍ଧ୍ର ହାଇକୋର୍ଟର ଏକ ବେଞ୍ଚ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ । ଏହାପରେ ଆନ୍ଧ୍ର ହାଇକୋର୍ଟର ଏହି ନିଷ୍ପତ୍ତିର ପୁନଃ ବିଚାର କରି ଭୋଟ ଗଣତି କରିବାକୁ ନିର୍ଦ୍ଦେଶ ଦେବା ପରେ ଆଜି ଭୋଟ ଗଣତି ଚାଲିଛି । ଓଡ଼ିଶା ମାଟିରେ ଆନ୍ଧ୍ର ନିର୍ବାଚନ କରି ଭୋଟ ଗଣତି କରୁଥିଲେ ମଧ୍ୟ ଓଡ଼ିଶା ସରକାରଙ୍କ ପକ୍ଷରୁ ଏନେଇ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଯାହାକୁ ନେଇ ସୀମାରେ ଚାପା ଉତ୍ତେଜନା ଲାଗି ରହିଛି ।

ଟ୍ୟୁସନ ଯାଉଥିବା ବେଳେ ନାଳରେ ଭାସିଗଲେ ଛାତ୍ର

ଭୁବନେଶ୍ୱର,୧୯/୦୯(ନି.ପ୍ର): ଟ୍ୟୁସନ୍ ଯାଉଥିବା ବେଳେ ଭୁବନେଶ୍ୱର ଏକ ନାଳରେ ଭାସି ଯାଇଛନ୍ତି ଜଣେ ଦଶମ ଶ୍ରେଣୀର ଛାତ୍ର । ଆଜି ଅପରାହ୍ନରେ ଗଣ୍ଡମୁଣ୍ଡା ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ୧୫ ବର୍ଷିୟ ଜ୍ୟୋତିର୍ମୟ ବେହେରା ଡ୍ରେନରେ ଭାସି ଯାଇଥିବା ବେଳେ ଏଯାଏଁ ତାଙ୍କର କୌଣସି ପତା ମିଳିନାହିଁ । ପୁଲିସ, ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଭୁବନେଶ୍ୱର ଗଣ୍ଡମୁଣ୍ଡା ଅଞ୍ଚଳର ସୌଭାଗ୍ୟନଗରରେ ଥିବା ଏକ ନାଳଭିତରୁ ଜଣେ ୧୫ ବର୍ଷର ଛାତ୍ରଙ୍କୁ ଖୋଜା ଚାଲିଛି । କିନ୍ତୁ କିଛି ପତା ମିଳୁନି । ନାଳରେ ପ୍ରବଳ ବେଗରେ ପାଣି ଚାଲିଛି । ରବିବାର ଅପରାହ୍ନ ପ୍ରାୟ ୩ଟାରୁ ସାଢେ ୩ଟା ଭିତରେ ସୌଭାଗ୍ୟନଗର ସ୍ଥିତ ନିଜ ଘରୁ ଟ୍ୟୁସନ ଯିବା ପାଇଁ ବାହାରିଥିଲେ ଜ୍ୟୋର୍ତିମୟ ବେହେରା । ନିକଟରେ ଥିବା ଲୋକଙ୍କ କହିବା ଅନୁସାରେ, ହଠାତ୍ ତାଙ୍କର ସାଇକେଲ ନାଳ ଭିତରକୁ ଖସପଡିଲା । ଲୋକେ ଏହା ଦେଖି ଦୌଡି ଆସିବାବେଳକୁ ଆଉ କିନ୍ତୁ ତାଙ୍କର ପତା ନଥିଲା । ଘଟଣାକୁ ଆଦୌ ବିଶ୍ୱାସ କରିପାରୁନାହାନ୍ତି ପରିବାର ଲୋକେ । କେମିତି ହଠାତ ଏମିତି ଘଟଣା ଘଟିଗଲା କହିବାବେଳକୁ ସେମାନଙ୍କ ଆଖିରେ ଲୁହ ଆସିଯାଉଛି । ଜ୍ୟୋର୍ତିମୟଙ୍କୁ ପୁରା ପରିବାର ଖୁବ ଆଦର କରନ୍ତି । ସେମାନେ ଜାଣିପାରୁନାହାନ୍ତି କଣ କରିବେ । ସେପଟେ ରାଜନୈତିକ ଦଳର ନେତା ଓ କର୍ମୀ ଆନ୍ଦୋଳନରେ ବି ବସିଯାଇଛନ୍ତି । ସେମାନଙ୍କର ଅଭିଯୋଗ ହେଉଛି, ବିଏମସିର ଅବହେଳା କାରଣରୁ ଏଭଳି ଘଟଣା ଘଟିଲା ।

ଆସୁଛି ଘୂର୍ଣ୍ଣିବଳୟ : ୧୦ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯/୦୯(ନି.ପ୍ର): ଲଘୁଚାପ ଲଗାଣ ବର୍ଷା, ଓଡିଶାର ଚାଷବାସ ଉଜାଡି ଦେଇଛି । ଏବେ ବି ଅନେକ ଅଞ୍ଚଳର ଚାଷ ଜମି ପାଣି ଘେରରେ ରହିଛି । ଏଇ ନିକଟରେ ଏକ ବଡ ବର୍ଷାକୁ ସାମ୍ନା କରିଥିବା ଓଡିଶା ଆଗକୁ ପୁଣି ମଧ୍ୟମରୁ ପ୍ରବଳ ବର୍ଷାରେ ଭିଜିପାରେ । ସୋଆ ବିଶ୍ୱ ବିଦ୍ୟାଳୟର ପାଣିପାଗ ବିଭାଗ ପୂର୍ବାନୁମାନ କରି କହିଛି, ଦକ୍ଷିଣ ଚୀନ ସାଗରରୁ ବଙ୍ଗୋପସାଗରକୁ ଆସୁଛି ସିରିଜ ବା ଲଗାତାର ଘୂର୍ଣ୍ଣିବଳୟ । ଏହାର ପ୍ରଭାବରେ ଆଗାମୀ ୧୦ ଦିନ ଯାଏଁ ବର୍ଷା ହେବ । ଲଘୁଚାପ ବର୍ଷାରେ ଘାଇଲା ହୋଇଯାଇଥିବା ଓଡିଶା ପୁଣି ଥରେ ବର୍ଷାରେ ଭିଜିବ । ସୋଆ ବିଶ୍ୱ ବିଦ୍ୟାଳୟର ପାଣିପାଗ ବିଭାଗର ମୁଖ୍ୟ ଶରତ ସାହୁ, ପୂର୍ବାନୁମାନ କରି କହିଛନ୍ତି, ବଙ୍ଗୋପସାଗରରେ ସିରିଜ ବା ଲଗାତାର ଘୂର୍ଣ୍ଣିବଳୟ ଦେଖିବାକୁ ମିଳିବ । ଆସନ୍ତା ୧୦ ଦିନ ଭିତରେ ଓଡିଶାରେ ପୁଣି ମଧ୍ୟମରୁ ପ୍ରବଳ ବର୍ଷା ହେବାକୁ ଯାଉଛି । ସୋଆ ବିଶ୍ୱ ବିଦ୍ୟାଳୟର ପାଣିପାଗ ବିଭାଗ କହିଛି, ଦକ୍ଷିଣ ଚୀନ ସାଗରରୁ ସିରିଜ ଘୂର୍ଣ୍ଣିବଳୟ ମିଆଁମାର ଓ ଥାଇଲାଣ୍ଡ ଦେଇ ବଙ୍ଗୋପସାଗର ଆଡକୁ ଗତି କରୁଛି । ଦକ୍ଷିଣ ଚୀନ ସାଗରରୁ ବଙ୍ଗୋପସାଗରକୁ ଆସୁଥିବା ଏକ ଘୂର୍ଣ୍ଣିବଳୟ ବର୍ତମାନ ଉତ୍ତର ପଶ୍ଚିମ ଦିଗରେ ରହିଛି । ଏହାର ପ୍ରଭାବରେ ରବିବାର ଠାରୁ ସେପ୍ଟେମ୍ବର ୨୩ ଯାଏଁ ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେପ୍ଟେମ୍ବର ୨୦, ୨୧ ଓ ୨୨ରେ ଭଦ୍ରକ, କେନ୍ଦ୍ରାପଡା, ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, କଟକ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ସୁନ୍ଦରଗଡ, ସୁବର୍ଣ୍ଣପୁର, ବୌଦ୍ଧ ଓ ସମ୍ବଲପୁର ଅଞ୍ଚଳରେ ବର୍ଷା ହେବ । ଦକ୍ଷିଣ ଚୀନ ସାଗରରୁ ଆସୁଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସେପ୍ଟେମ୍ବର ୨୫ରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ । ଏହା ୨୬ ତାରିଖରେ ଅବପାତର ରୂପ ନେବ । ୨୬ ଓ ୨୭ ତାରିଖରେ ଏହାର ପ୍ରଭାବ ଉପକୂଳ, ଉତ୍ତର ଓଡିଶା ଓ ନିକଟବର୍ତ୍ତୀ ଜିଲ୍ଲା ଗୁଡିକରେ ଦେଖିବାକୁ ମିଳିବ । ସେପ୍ଟେମ୍ବର ୨୬ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ସେପ୍ଟେମ୍ବର ୨୮ ତାରିଖରେ ଏହା ଲଘୁଚାପର ରୂପ ନେବ । ଏହାର ପ୍ରଭାବରେ ସେପ୍ଟେମ୍ବର ୨୮ରୁ ୩୦ ତାରିଖ ଯାଏଁ ଉପକୂଳ ଅଂଚଳରେ ପ୍ରବଳ ବର୍ଷା ହେବ । ଏହା ଅବପାତର ରୂପ ନେଇ ବାଲେଶ୍ୱର ଦେଇ ଗତି କରିବ । ଏହାର ପ୍ରଭାବରେ ବନ୍ୟାର ମଧ୍ୟ ଆଶଙ୍କା ରହିଛି ।

ପଞ୍ଚଭୂତରେ ବିଲୀନ ହେଲେ ମନୋରମା ମହାପାତ୍ର

ପୁରୀ,୧୯/୦୯(ନି.ପ୍ର): ପଞ୍ଚଭୂତରେ ବିଲୀନ ହୋଇଗଲେ ପ୍ରଖ୍ୟାତ ସାହିତ୍ୟିକା, କବୟିତ୍ରୀ ତଥା ସାମ୍ବାଦିକା ମନୋରମା ମହାପାତ୍ର । ଆଜି ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ଜ୍ୟେଷ୍ଠପୁତ୍ର ପ୍ରଦୀପ କୁମାର ମହାପାତ୍ର ମୁଖାଗ୍ନି ଦେଇଛନ୍ତି । ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଏବଂ ଏସପି କନୱର ବିଶାଲ୍ ସିଂହଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହି ଅବସରରେ ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଥିଲା । ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ଉପସଭାପତି ତଥା ସମାଜର ପ୍ରକାଶକ ଓ ମୁଦ୍ରାକର ନିରଞ୍ଜନ ରଥ ଉପସ୍ଥିତ ଥିଲେ । ଗତକାଲି ଅପରାହ୍ନରେ ଚିକିତ୍ସାଧିନ ଅବସ୍ଥାରେ କଟକରେ ପରଲୋକ ହୋଇଥିଲା ମନୋରମାଙ୍କର । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି ।

ଲିଫ୍ଟରେ ଫସିଲେ ବିଏମସି ଅଧିକାରୀ

ଭୁବନେଶ୍ୱର,୧୯/୦୯(ନି.ପ୍ର): କରୋନା କଟକଣାକୁ ଉଲ୍ଲଙ୍ଘନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜଧାନୀରେ ଚାଲିଥିଲା ବାର । ଗତକାଲି ୪ଟି ବାର ଉପରେ କମିଶନରେଟ୍ ପୋଲିସ ଓ ବିଏମ୍ସି ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲ । ଏଥିମଧ୍ୟରୁ ଦୁଇଟି ବାରକୁ ସିଲ୍ କରାଯାଇଛି । 'ବିବିଆଇ' ବାର ଓ 'ଉପରେ' ବାରକୁ ସିଲ କରାଯାଇଛି । ବାର ମ୍ୟାନେଜରଙ୍କ ସହ ୪ ଜଣଙ୍କୁ ଚନ୍ଦ୍ରଶେଖରପୁର ଥାନାରେ ଅଟକ ରଖାଯାଇଛି । ତେବେ ଏହି ଗତକାଲି ବାର ଉପରେ ଚଢାଉ ସମୟରେ ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଥିଲା । ଚଢାଉ କରିବାକୁ ଯାଇ ହଟ୍ଟହଟ୍ଟା ହୋଇଥିଲେ ବିଏମ୍ସି ଅଧିକାରୀ । ରେଡ୍ ସମୟରେ ବିଏମସି ଗାଡି ଦେଖି ହୋଟେଲ ସିକ୍ୟୁରିଟି ଗାର୍ଡ ଲିଫ୍ଟ ବନ୍ଦ କରି ଦେଇଥିଲେ । ଫଳରେ ବିଏମସିର ଦୁଇ ଅଧିକାରୀ ପ୍ରାୟ

▶▶ପୃଷ୍ଠା ୭

ଓଡିଶା ସ୍ଥାବର ସଂପତ୍ତି ପୁନର୍ବିଚାର ନ୍ୟାୟାଧିକରଣ ସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୧୯/୦୯(ନି.ପ୍ର): ଭୁବନେଶ୍ୱର ସତ୍ୟନଗରସ୍ଥିତ ତୋଷାଳୀ ଭବନର ଏ-୧ ବ୍ଲକ,୭ମ ମହଲାରେ ଓଡିଶା ସ୍ଥାବର ସଂପତି ପୁନର୍ବିଚାର ନ୍ୟାୟାଧିକରଣ (ରିଅଲ ଇଷ୍ଟେଟ୍ ଆପିଲେଟ୍ ଟ୍ରିବ୍ୟୁନାଲ) ର ସ୍ଥାୟୀ କାର୍ଯ୍ୟାଳୟ ସୁପ୍ରିମ କୋର୍ଟର ବିଚାରପତି ନ୍ୟାୟମୂର୍ତି ବିନୀତ ସରଣଙ୍କ ଦ୍ୱାରା ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟାମୂର୍ତି ଡଃ.ଏସ୍. ମୂରଲୀଧର ଏବଂ ରିଅଲ ଇଷ୍ଟେଟ୍ ଆପିଲେଟ୍ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ନ୍ୟାୟମୂର୍ତି ଏସ୍.ସି.ପରିଜାଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଯାଇଛି । ପୂର୍ବରୁ ଏହି ରିଅଲ୍ ଇଷ୍ଟେଟ ଟ୍ରିବ୍ୟୁନାଲ କାର୍ଯ୍ୟାଳୟ ଗତବର୍ଷ ସେପ୍ଟେମ୍ବରରୁ ଚନ୍ଦ୍ରଶେଖରପୁରସ୍ଥିତ ଫର୍ଚ୍ୟୁନ୍ ଟାୱାରର ୪ର୍ଥ ମହଲାରେ କାର୍ଯ୍ୟ କରୁଥିଲା । ଏହି ଟ୍ରିବ୍ୟୁନାଲର କୋର୍ଟ କାର୍ଯ୍ୟ ନୂତନ କାର୍ଯ୍ୟାଳୟରେ ଆରମ୍ଭ ହେବା ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିବା ବେଳେ ଚଳିତ ମାସ ୨୭ ତାରିଖରୁ ଏହା ନୂତନ କାର୍ଯ୍ୟାଳୟରେ ଆରମ୍ଭ କରାଯିବ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍ , ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ରାଧାକୃଷ୍ଣ ପଟ୍ଟନାୟକ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ,ପୂର୍ତ ବିଭାଗ କମିଶନର ତଥା ଶାସନ ସଚିବ ତଥା ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡା. କ୍ରିଷନ୍ କୁମାର, ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ, ଭୁବନେଶ୍ୱର ମହାନଗର ନିଗମ କମିଶନର ସଂଜୟ କୁମାର ସିଂହ, ପଂଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କେ.ମିନା,ଇଡ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଓଡିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଚିତରଂଜନ ଦାଶ,ଆଡ୍‌ଭୋକେଟ୍ ଜେନେରାଲ,

▶▶ପୃଷ୍ଠା ୭

ପ୍ରଧାନମନ୍ତ୍ରୀ ନାଗରିକ ମାନଙ୍କୁ ସ୍ମୃତି ଚିହ୍ନ ଇ-ନିଲାମରେ ଭାଗ ନୋକୁ ଆହ୍ୱାନ କଲେ

ନୂଆଦିଲ୍ଲୀ,୧୯/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକ ମାନଙ୍କୁ ସମ୍ମାନଜନକ ତଥା ସ୍ମରଣୀୟ ଉପହାର ଏବଂ ସ୍ମୃତି ଇ-ନିଲାମରେ ଭାଗ ନେବାକୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ, ଇ -ନିଲାମରୁ ମିଳିଥିବା ପରିମାଣ ଗଂଗା ନଦୀର ସଂରକ୍ଷଣ ଏବଂ ନବୀକରଣ ଉଦ୍ଦେଶ୍ୟରେ ନମାମି ଗଙ୍ଗା ଅଭିଯାନକୁ ଦିଆଯିବ । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଦିଆଯାଇଥିବା ଉପହାରର ଇ-ନିଲାମର ତୃତୀୟ ସଂସ୍କରଣ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ୱେବ୍ ପୋର୍ଟାଲ ମାଧ୍ୟମରେ ଚାଲିଛି । ବ୍ୟକ୍ତି ଏବଂ ସଂଗଠନ ଉକ୍ତ ୱେବ୍ ପୋର୍ଟାଲ ମାଧ୍ୟମରେ ଇ-ନିଲାମରେ ଅଂଶଗ୍ରହଣ କରିପାରିବେ ।

▶▶ପୃଷ୍ଠା ୭

ଡ. ରାଧାରଞ୍ଜନ ପଟ୍ଟନାୟକଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ

ହତାର୍ଥ ପଟ୍ଟନାୟକଙ୍କ 'ଦ ରିକଭରି' ଫିଜିଓ ଥେରାପି କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର,୧୯/୦୯(ନି.ପ୍ର): ଡାକ୍ତର ହିତାର୍ଥ ପଟ୍ଟନାୟକଙ୍କର 'ଦ ରିକଭରି' ଫିଜିଓ ଥେରାପି କେନ୍ଦ୍ର ଓ 'ସୃଜନ ସ୍ୱାକ୍ଷର', 'ଉତ୍କଳ ସରଳ ବ୍ୟାକରଣ' ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଡ. ରାଧାରଞ୍ଜନ ପଟ୍ଟନାୟକ ଓ ବଂଶୀଧର ଚୌଧୁରୀଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିବା ଏହି ପୁସ୍ତକର ଲୋକାର୍ପଣ ଉତ୍ସବ ସୁନହଟ କାଦରାବାଗସ୍ଥିତ ଶ୍ରୀ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ କଥା ଓ ମଞ୍ଚ ଆମନ୍ତ୍ରଣ କରିଥିଲେ ଡା. ଅଭିମନ୍ୟୁ କାନୁନଗୋ । ମୁଖ୍ୟ ଅତିଥି ଭାବେ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପରେ ୪୦ରୁ ଅଧିକ କବି ସ୍ୱଚରିତ କବିତା ପାଠ କରିଥିଲେ । କବିତାଗୁଡ଼ିକ ସଂଯୋଜନା କରି

ଜିଲ୍ଲାପାଳଙ୍କ ଭୁବନ ଗସ୍ତ : ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନ,୧୯/୯ (ନି.ପ୍ର): ଢେଙ୍କାନାଳ ଜିଲ୍ଲାପାଳ ସରୋଜ କୁମାର ସେଠୀ ଆଜି ଦିନିକିଆ ଭୁବନ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଜିଲ୍ଲାପାଳ ଶ୍ରୀ ସେଠୀ ପ୍ରଥମେ ତହସିଲ କାର୍ଯ୍ୟାଳୟ,ପରେ ଏନ.ଏ.ସି ଓ ବ୍ଲକ କାର୍ଯ୍ୟାଳୟ ଏବଂ ଶେଷରେ ମୋ ସ୍କୁଲ ଯୋଜନାରେ ସାମିଲ ହୋଇଥିବା ଭୁବନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଦ୍ରୁତ ଗତିରେ ଚାଲିଥିବା ସ୍ମାର୍ଟ କ୍ଲାସରୁମ, ଉନ୍ନତମାନର ବିଜ୍ଞାନଗାର, ଲାଇବ୍ରେରୀ ଇତ୍ୟାଦି ବୁଲି ଦେଖିବା ସହ ସମୀକ୍ଷା ବୈଠକରେ ମୋ ସ୍କୁଲ କମିଟି କାର୍ଯ୍ୟକର୍ତ୍ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ଭୁବନ ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ କମିଟି ତରଫରୁ ଜିଲ୍ଲାପାଳଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲାପାଳ ଙ୍କ ସହିତ କାମାକ୍ଷାନଗର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ସାହୁ, ଭୁବନ ତହସିଲଦାର ପ୍ରଭାସ କୁମାର ବେହୁରା, ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଡିଓ ଆଶୀର୍ବାଦ ପରିଡା, ଏନଏସି ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସାହୁ, ମୋ ସ୍କୁଲ ଆବାହକ ଶୁଭେନ୍ଦୁ ସାହୁ, ସଭାପତି ପ୍ରଭାସ କୁମାର ସେନାପତି, ବରିଷ୍ଠ କର୍ମକର୍ତା ଜୟଗୁରୁ ପାତ୍ର, ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

ପତ୍ନୀଙ୍କୁ ଲୁଚି କରିଥିଲେ ଦ୍ୱିତୀୟ ବିବାହ : ଧରିବାକୁ ଆସିଥିବା ପୁଲିସ୍ ହେଲା ରାତି ଅନିଦ୍ରା

ବ୍ରହ୍ମପୁର,୧୯/୯ (ନି.ପ୍ର): ପ୍ରଥମ ପତ୍ନୀ ଥାଇ ଦ୍ୱିତୀୟ ବିବାହ କରିଥିବା ଜଣେ ଯୁବକଙ୍କୁ ଆଜି ଛତ୍ରପୁରରୁ ଉଠାଇ ନେଇଛି ଭଦ୍ରକ ପୁଲିସ୍। ତାଙ୍କ ନାଁ ପିନା ସାମଲ। ତାଙ୍କୁ ଛତ୍ରପୁର ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ତେବେ ତାଙ୍କୁ ଧରିବା ପାଇଁ ପୁଲିସ୍‌କୁ ନାକେଦମ ହେବାକୁ ପଡ଼ିଥିଲା। ରାତି ସାରା ପୁଲିସ୍ ତାଙ୍କ ଘର ବାହାରେ ଜଗି ରହିଥିଲା।

ସୂଚନା ଅନୁଯାୟୀ, ପିନା ୨୦୧୫ରେ ଭଦ୍ରକରେ ଜ୍ୟୋତ୍ସ୍ନାରାଣୀ ସାମଲଙ୍କୁ ବାହା ହୋଇଥିଲେ। ପରେ ସେ ଛତ୍ରପୁରରେ ଆଉ ଜଣଙ୍କୁ ବିବାହ କରିଥିଲେ। ଦ୍ୱିତୀୟ ବିବାହ କରିବା ପରେ ଭଦ୍ରକରେ ରହୁଥିବା ପତ୍ନୀ ଓ ପରିବାର ଲୋକଙ୍କ ସହିତ ଆଉ ଯୋଗାଯୋଗ କରୁନଥିଲେ। ସେ ଛତ୍ରପୁରରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ ଓ ବ୍ୟାଙ୍କ କଲୋନୀରେ ଏକ ଘରେ ରହୁଥିଲେ।

ପିନାଙ୍କ ପ୍ରଥମ ପତ୍ନୀଙ୍କ ଅଭିଯୋଗ କ୍ରମେ ଭଦ୍ରକ ପୁଲିସ୍ ଅନୁସନ୍ଧାନ କରି ଗତକାଲି ଛତ୍ରପୁରରେ ପହଞ୍ଚିଥିଲା। ସେମାନେ ପିନା ରହୁଥିବା ଘରେ ରାତି ୧୨ଟାରେ ପହଞ୍ଚିଥିଲେ। କିନ୍ତୁ ପିନା କବାଟ ଖୋଲି ନଥିଲେ। ରାତିସାରେ ସେ ଘରେ ଥିଲେ ସୁଦ୍ଧା କବାଟ ଖୋଲି ନଥିଲେ। ପରେ ବହୁ ବୁଝାସୁଝା କରିବା ପରେ ସକାଳ ପ୍ରାୟ ସାଢ଼େ ୮ଟା ବେଳେ ସେ କବାଟ

ଖୋଲିଥିଲେ। ଏହା ପରେ ତାଙ୍କୁ ଓ ତାଙ୍କ ଦ୍ୱିତୀୟ ପତ୍ନୀଙ୍କୁ ପୁଲିସ୍ ଛତ୍ରପୁର ଥାନାକୁ ନେଇ ଯାଇଥିଲା। ଶେଷ ଖବର ସୁଦ୍ଧା ସେଠାରେ ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ଦନ୍ତା ମାଙ୍କଡ଼ କାମୁଡ଼ାରେ ବାଳକ ଗୁରୁତର

କେନ୍ଦ୍ରାପଡ଼ା,୧୯/୯ (ନି.ପ୍ର): ଗତ କିଛିମାସ ହେବ କେନ୍ଦ୍ରାପଡ଼ା ସହରରେ ମାଙ୍କଡ଼, କୁକୁର ଓ ଗାଈଙ୍କ ଦୌରାତ୍ମ୍ୟରେ ସହରବାସୀ ଅତିଷ୍ଠ ହୋଇଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ ଭୟଭୀତ ଅବସ୍ଥାରେ ଯାତାୟତ କରୁଛନ୍ତି । ଦୈନିକ ଶହ ଶହ ଲୋକେ ମାଙ୍କଡ଼ କୁକୁର କାମୁଡାର ଶିକାର ହୋଇ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଶନିବାର କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପୋଷ୍ଟ ଅଫିସ ଲେନର ସେକ ସୋଫିଆନଙ୍କ ପୁଅ ସେକ ରିଜୁଆନ ଖେଳୁଥିବା ସମୟରେ ଏକ ମାଙ୍କଡ ତାଙ୍କ ପିଠାକୁ କାମୁଡି ମାଂସ ପିଣ୍ଡୁଳା ବାହାର କରି ଦେଇଛି । ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇ ଥିବା ଜଣାପଡିଛି ।

ବିବାହିତା ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

ଗଞ୍ଜାମ,୧୯/୯ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡିଆଳି ଗ୍ରାମରେ ଆଜି ସକାଳେ ଜଣେ ବିବାହିତ ମହିଳାଙ୍କ ଝୁଲନ୍ତା ଶବକୁ ଘର ମଧ୍ୟରୁ ପୋଲିସ ଜବତ କରିଛି । ବିବାହିତା ମହିଳା ଜଣକ ହେଲେ ଏସ୍. ରଙ୍ଗବତୀ ରେଡ୍ଡୀ (୨୦) । ପ୍ରତ୍ୟେହ ସ୍ୱାମୀ ଏସ୍. ମହେନ୍ଦ୍ର ରେଡ୍ଡୀ ମଦ୍ୟପାନ କରି ପତ୍ନୀକୁ ମାଡ ମାରିବା ସହ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲା । ଗତକାଲି ରାତିରେ ମଧ୍ୟ ମହେନ୍ଦ୍ର ନିଶାଗ୍ରସ୍ତ ଅବସ୍ଥାରେ ରଙ୍ଗବତୀକୁ ମାଡ ମାରିଥିବା ସାଇପଡ଼ିଶାଙ୍କ ଠାରୁ ଶୁଣିବାକୁ ମିଳିଛି । ଆଜି ସକାଳେ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖି ରଙ୍ଗବତୀଙ୍କ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ । କବିସୂର୍ଯ୍ୟନଗର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଆସିକା ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି । ସ୍ୱାମୀ ମହେନ୍ଦ୍ରକୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି ।

ଜଳ ନିଷ୍କାସନ ପାଇଁ ମାଛଖଟି ଉଚ୍ଛେଦ କରିବାକୁ କୃଷକ ବିକାଶ ପରିଷଦର ଦାବି

କେନ୍ଦ୍ରାପଡ଼ା,୧୯/୯ (ନି.ପ୍ର): ଲଘୁଚାପ ଜନିତ ଚଳିତ ବର୍ଷାରେ ଜିଲ୍ଲାର ସମସ୍ତ ପାଟ ଜମି ଉପରେ ପ୍ରାୟ ୧୦ ଫୁଟ ପାଣି ଜମି ରହିଥିବା ବେଳେ ଜଳ ନିଷ୍କାସନ ବାଟ ପାଟନାଳି ଗୁଡିକରେ ବହୁ ସଂଖ୍ୟକ ମାଛଖଟି କରା ଯାଇଥିବାରୁ ଚାଷଜମି ରୁ ଜଳ ନିଷ୍କାସନ ହୋଇ ପାରୁନାହିଁ । ଏହି ମାଛଖଟି ଗୁଡିକୁ ଉଚ୍ଛେଦ କରି ଜଳ ନିଷ୍କାସନ ସୁବିଧା କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ପରିଷଦ ଦାବିକରି ଜିଲ୍ଲାପାଳଙ୍କୁ ଲିଖିତ ପତ୍ର ପ୍ରଦାନ କରିଛି । ଜିଲ୍ଲାର ଗୁହାଳ ସିଂହ, କାଉପଡା, କୁଅଁରପୁର , ଚାଟରାପାଟ, ବିଶିବିଲ ପାଟ, ମରଡପୁର ପାଟ ପ୍ରଭୃତିରେ ଦଳ ଭର୍ତି ଓ ପାଣି ଜମି ରହିଥିବା ବେଳେ ମାଁ ଧରାଳି ମାନେ ଗୁହାଳ ସିଂହ , ପଲେଇ ଅଂଚଳରେ ମାଛଖଟି କରି ପାଣିକୁ ଅବରୋଧ କରିଛନ୍ତି । ତୁରନ୍ତ ଏହାକୁ ଉଚ୍ଛେଦ ନକଲେ ଅଂଚଳର ଫସଲ ନଷ୍ଟ ହୋଇ ଚାଷୀମାନେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

କୁଆଖିଆ ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏସ୍‌ପିଙ୍କୁ ଭେଟିଲେ ଅଭିଯୋଗକାରୀ

ଧର୍ମଶାଳା,୧୯/୯ (ନି.ପ୍ର): ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁରଠାରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଥିଲା । ଫଳରେ କୁଆଖିଆ ପୁଲିସ ଅଭିଯୁକ୍ତଙ୍କୁ ଗିରଫ ବଦଳରେ ସେମାନଙ୍କୁ ସୁରକ୍ଷା ଦେଉଥିବା ନେଇ ଅଭିଯୋଗକାରୀମାନେ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି । ଘଟଣାର ତଦନ୍ତ କରାଯିବ ବୋଲି ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା । ଦିଆଯାଇଛି । ଆଜି ସକାଳେ କୁଆଖିଆ ଥାନା ଅନ୍ତର୍ଗତ ହାଟସାହି ଗ୍ରାମର ଶରତ ପୋଥାଳଙ୍କ ସମେତ ଅନ୍ୟ ୨ ଜଣ ଏସପିଙ୍କ କାର୍ଯ୍ୟାଳୟରେ ପଂହଚି ଅଭିଯୋଗ କରିଛନ୍ତି । ରାଜେନ୍ଦ୍ରପୁର ସରପଂଚ ସୁଶାନ୍ତ ବେହେରା ଓ ତାଙ୍କ ଅନ୍ୟ ୨ ସହଯୋଗୀ ରାଜନୈତିକ କାରଣକୁ ନେଇ ସେମାନଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଫଳରେ ସେମାନେ ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସିତ ହୋଇ ଫେରିବା ପରେ ଏନେଇ ଶରତ କୁଆଖିଆ ଥାନାରେ ଏତଲା ଦେଇଥିଲେ । ହେଲେ ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବା ବଦଳରେ ସେମାନଙ୍କୁ ସୁରକ୍ଷା ଦେଉଥିବାରୁ ସେମାନେ ବାଧ୍ୟ ହୋଇ ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତେବେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ କୁଆଖିଆ ଥାନା ଆଗରେ ଧରଣା ଦେବେ ବୋଲି ଶରତ କହିଛନ୍ତି ।

ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୀର୍ଘ ସମୟ ଧରି ଚିଲିକା ମଝିରେ ଫସି ରହିଲା ଲଂଚ୍

ଖୋର୍ଦ୍ଧା,୧୯/୯ (ନି.ପ୍ର): ୩୨ ଯାତ୍ରୀଙ୍କୁ ନେଇ ଆସୁଥିବା ଏକ ଲଂଚ୍ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୀର୍ଘ ସମୟ ଧରି ଚିଲିକା ମଝିରେ ଫସିରହିଥିଲା । ଫଳରେ ଯାତ୍ରୀମାନେ ଲଂଚ୍ ମଧ୍ୟରେ ଆତଙ୍କିତ ଅବସ୍ଥାରେ ରହିଥିଲେ । ହେଲେ ଦୀର୍ଘ ସମୟ ପରେ ଅନ୍ୟ ଏକ ଲଂଚ୍ ମାଧ୍ୟମରେ ଟୋଚନ କରାଯାଇ ଫସିଥିବା ଲଂଚକୁ ଉଦ୍ଧାର କରି କୂଳକୁ ଅଣାଯାଇଥିଲା । ସୂଚନା ମୁତାବକ, ଶନିବାର ସକାଳ ୮.୪୫ରେ ଏହି ଲଂଚ୍ କୃଷ୍ଣପ୍ରସାଦ ଗଡ଼ରୁ ୩୨ ଜଣ ଯାତ୍ରୀଙ୍କୁ ନେଇ ବାଲୁଗାଁ ଅଭିମୁଖେ ବାହାରିଥିଲା । ତେବେ ଗସ୍ତ ଆରମ୍ଭର ମାତ୍ର କିଛି ସମୟ ପରେ ଲଂଚରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ପାଣି ମଝିରେ ଫସିଯାଇଥିଲା ଲଂଚଟି । ଏହା ଜାଣିବା ପରେ ଯାତ୍ରୀଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଥିଲା । ତେବେ ସହାୟତା ନିମନ୍ତେ ବାଲୁଗାଁ ସରକାରୀ ଲଂଚ୍ କାର୍ଯ୍ୟାଳୟକୁ ଯୋଗାଯୋଗ କରାଯିବାରୁ ବାଲୁଗାଁରୁ ଅନ୍ୟ ଏକ ଲଂଚ୍ ଘଟଣାସ୍ଥଳକୁ ଯାଇ ଟୋଚନ ମାଧ୍ୟମରେ ଫସିଥିବା ଲଂଚକୁ କୂଳକୁ ଆଣିଥିଲା । କିନ୍ତୁ, ଲଂଚରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ଲାଇଫ୍ ଜ୍ୟାକେଟ ପିନ୍ଧିନଥିବାର ଦେଖାଯାଇଥିଲା । ଯାହାଫଳରେ ଏକ ବଡ଼ ଦୁର୍ଘଟଣାରୁ ସମସ୍ତ ୩୨ ଜଣ ଯାତ୍ରୀ ବର୍ତି ଯାଇଥିବା କୁହାଯାଉଛି ।

ବାଲି ଘାଟକୁ ନେଇ ବଢୁଛି ଅସନ୍ତୋଷ : ଅଭିଯୋଗ ଶୁଣୁନି ଜିଲ୍ଲା ପ୍ରଶାସନ

ଧର୍ମଶାଳା,୧୯/୯ (ନି.ପ୍ର): ଯାଜପୁର ଜିଲା କୁଆଖିଆ ଥାନା ରସୁଲପୁର ତହସିଲ ରାଜେନ୍ଦ୍ରପୁର ପଂଚାୟତସ୍ଥ ବ୍ରାହ୍ମଣୀ ନଦୀରେ ଦୀର୍ଘ ଦିନ ହେବ ବେଆଇନ ବାଲି ଘାଟ ଚାଲିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଯାତାୟତକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣାକୁ ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ରସୁଲପୁର ତହସିଲ ଅନ୍ତର୍ଗତ ରାଜେନ୍ଦ୍ରପୁର ବ୍ରାହ୍ମଣୀ ନଦୀ ରଣେଶ୍ୱରୀ ଘାଟରେ ବେଆଇନ ବାଲି ଘାଟ ଚାଲିଛି । ଫଳରେ ହାଇୱା, ଟ୍ରକ ଓ ଟ୍ରାକ୍ଟର ଯୋଗେ ଓଭର ଲୋଡ କରି ବାଲି ପରିବାହନ କରୁଛନ୍ତି । ଫଳରେ ଗ୍ରାମ ରାସ୍ତା ଖରାପ ହେବା ସହ ଏକପାଖିଆ ରାସ୍ତା ଯୋଗୁଁ ଯାତାୟତରେ ସ୍କୁଲର ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏନେଇ ସ୍ଥାନୀୟ ଲୋକେ ଏନେଇ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଯାଏଁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନଥିବା ବେଳେ ବରଂ ସେମାନଙ୍କୁ ସୁରକ୍ଷା ଦେଉଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ କଲେ ମଧ୍ୟ ସେମାନଙ୍କୁ ନାନା ଧମକ ଚମକ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି ।

ଧର୍ମଶାଳାର ବନ୍ୟାଚଂଳ ସମସ୍ୟା ନେଇ ବିଷୋଦଗାର କଲେ ସତୀଶ ବିଶ୍ୱାଳ

ଧର୍ମଶାଳା,୧୯/୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକର ପଟୁଣିଆ, ପାଟପୁର, କୋତପୁର , ଅରେଇକଣା, ମିର୍ଜାପୁର, କଂଟିଗଡିଆ ଆଦି ପଂଚାୟତରେ ପ୍ରତି ବର୍ଷ ବନ୍ୟାରେ ବ୍ୟାପକ ଫସଲ ନଷ୍ଟ ହେଉଛି । ବନ୍ୟା ପ୍ରତିରୋଧ ପାଇଁ କୌଣସି ମାଷ୍ଟରପ୍ଲାନ କରାଯାଉ ନାହିଁ। କେବଳ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପାଇଁ ଧର୍ମଶାଳାର ଏହି ବନ୍ୟାଚଂଳ ଲୋକଙ୍କ ଧନ ଓ ଜୀବନ ପ୍ରତିବର୍ଷ ବିପନ୍ନ ହେଉଛି ବୋଲି ବିଷଦଗାର କରିଛନ୍ତି ବି.ଜେ.ଡି ନେତା ସତୀଶ ବିଶ୍ୱାଳ। ସତୀଶଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ଏହି ଅଂଚଳ ଗ୍ରସ୍ତ କରି ବ୍ରାହ୍ମଣୀ ନଦୀ ଶାଖା କେଲୁଅ ନଦୀର ବନ୍ୟାରେ ସର୍ବସ୍ୱ ହରାଇଥିବା ଚାଷୀ ଓ ସାଧାରଣ ଜନତାଙ୍କୁ ଭେଟିଥିଲେ। ଏହା ପରେ ସତୀଶ କହିଛନ୍ତି ଯେ, ଏହି ସବୁ ଅଂଚଳରେ ବନ୍ୟାଜଳକୁ ରୋକାଯିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଗଲେ ଏହାର ସଫଳ ରୂପାୟନ ହୋଇପାରିବ। ନବୀନ ପଟ୍ଟନାୟକଙ୍କ ସରକାର ଚାଷୀ ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା ପାଇଁ ସଂପୂର୍ଣ୍ଣ ଯତ୍ନବାନ ରହିଛି । ହେଲେ ଧର୍ମଶାଳାରେ ଏହାର ସଫଳ ରୂପାୟନ ହୋଇ ପାରୁନାହିଁ। ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟର ସଫଳ ରୂପାୟନ ଏବଂ ଧର୍ମଶାଳାର ସ୍ୱାର୍ଥରକ୍ଷା ପାଇଁ ଏଭଳି ରାଜନୈତିକ ସ୍ଥାଣୁତା ଓ ଅପାରଗତାର ପ୍ରତିବାଦ କରିବାକୁ ପଡିବ। କେବଳ ଠିକାଦାର ସର୍ବସ୍ୱ କାର୍ଯ୍ୟ ଚାଲିଥିବାରୁ ଅନେକ ସ୍ଥାନରେ ନଦୀବନ୍ଧ ମରାମତି, ପଥର ପ୍ୟାକିଂ କାର୍ଯ୍ୟରେ ବ୍ୟାପକ ଦୁର୍ନିତି ଚାଲିଛି। ସେହିପରି କେତୋଟି ସ୍ଲୁଇସ ଗେଟ ପାଇଁ ମଧ୍ୟ ଚାଷୀମାନେ ଦୂରାବସ୍ଥା ଭୋଗୁଥିବା ବେଳେ ଉକ୍ତ କାର୍ଯ୍ୟ କରାଯାଉ ନାହିଁ। ରାଜନୀତିର ବ୍ୟବସାୟୀ କରଣ ପାଇଁ ଲୋକ ସମସ୍ୟାକୁ ଗୁରୁତ୍ୱ ଦିଆଯାଉ ନାହିଁ। ସାନରାଇପଡାରେ କେଲୁଅ ନଦୀବନ୍ଧ ପଥରପ୍ୟାକିଂ କାର୍ଯ୍ୟରେ ଆଖିବୁଜା ଦୁର୍ନିତି ହୋଇଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ଅଂଚଳରେ କେତେକ ଘେରିବନ୍ଧକୁ ସଂପୂର୍ଣ୍ଣ କରନଯାଇ ଅଧାଗଢା କରାଯାଇ ରଖାଯାଇଛି। ସେଥିପାଇଁ ଭଗବାନପୁର ଏବଂ ସାନ ନହନଙ୍ଗରା ପାଟରେ ପ୍ରତିବର୍ଷ ଫସଲ ନଷ୍ଟ ହେଉଛି। ପଟୁଣିଆ ଓ ପାଟପୁର ପରି ପଂଚାୟତରେ ବନ୍ୟାରେ ପ୍ରତିବର୍ଷ କ୍ଷତି ଅତ୍ୟନ୍ତ ଉଦବେଗ ଜନକ ସ୍ଥିତିରେ ପହଂଚିଛି। ଏବେ ଧାନ ଜମିରେ ପାଚିଲା ଧାନ ଯେପରି ଭାବେ ବନ୍ୟାଜଳ ଭିତରେ ରହି ପଚିଗଲା, ତାହା ଚାଷୀକୂଳର ମେରୁଦଣ୍ଡ ଭାଙ୍ଗି ଦେଇଛି। ପଟୁଣିଆ ପରି ପଂଚାୟତର ପ୍ରତ୍ୟେକ ଗ୍ରାମର ଚାଷୀ ତାର ସର୍ବସ୍ୱ ହରାଇବା ପରେ ବି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀକୁ ଆବଶ୍ୟକ କ୍ଷତି ପୂରଣ ବିଧି ଅନୁସାରେ ପ୍ରଦାନ କରାଯାଉ ନାହିଁ। ଅନ୍ୟ ପଂଚାୟତ ଗୁଡିକରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି। ରାଜନୈତିକ ଆକ୍ରୋଶରେ ପ୍ରଶାସନିକ ଷଡଯନ୍ତ୍ର କରାଯାଇ ଏହିସବୁ ପଂଚାୟତର ଚାଷୀ ମାନଙ୍କ ପ୍ରତି ଏଭଳି ଅବିଚାରକୁ ଆଉ ବରଦାସ୍ତ କରାଯିବ ନାହିଁ। ଆବଶ୍ୟକ ହେଲେ ଏହାର ପ୍ରତିବାଦରେ ବଡ ଧରଣର ଚାଷୀ ଆନ୍ଦୋଳନ କରାଯିବା ସହ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବେ ବୋଲି ସତୀଶ ଚେତାବନୀ ଦେଇଛନ୍ତି।

ଆମେ ବିପଦରେ ସାଥି ସଦସ୍ୟମାନଙ୍କ ଦ୍ୱାରା ମୃତ ଷଣ୍ଢର ଶବ ସତ୍କାର

କୋରାଇ,୧୯/୯ (ନି.ପ୍ର): ରାସ୍ତା ଦୁର୍ଘଟଣାରେ ଆହତ ମାନଙ୍କୁ ଉଦ୍ଧାର ସହ ମୃତ୍ୟୁବରଣ କରୁଥିବା ବୁଲା ଗାଇଗୋରୁ ଅଥବା ପାଗଳ ମାନଙ୍କ ଶବସତ୍କାର, ବୃକ୍ଷରୋପଣ, ଗରୀବ ଲୋକମାନଙ୍କୁ ବସ୍ତ୍ର ବଂଟନ, କରୋନା ଲାଗି ଲକଡ଼ାଉନ ସମୟରେ ଖାଦ୍ୟ ବଂଟନ, ବନ୍ୟା ବାତ୍ୟା ସମୟରେ ରିଲିଫ ବଂଟନ ଆଦି ସାମାଜିକ କାର୍ଯ୍ୟକ୍ରମରେ ନିୟୋଜିତ ରଖୁଥିବା ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦରେ ସାଥିର ସଦସ୍ୟମାନଙ୍କ ଦ୍ୱାରା ଶନିବାର ଦିନ ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିବା ଏକ ଷଣ୍ଢର ଶବ ସତ୍କାର କରାଯାଇଥିଲା। ପ୍ରକାଶ ଯେ ପାଣିକୋଇଲିସ୍ଥିତ ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ନିକଟରେ ଶୁକ୍ରବାର ରାତିରେ କୌଣସି ଦ୍ରୁତଗାମୀ ଗାଡ଼ି ଧକ୍କାରେ ଏକ ଷଣ୍ଢଟିଏ ମୃତ୍ୟୁ ବରଣ କରାଯାଇଥିଲା। ଖବର ପାଇବା ମାତ୍ରେ ଆମେ ବିପଦରେ ସାଥିର ଉପଦେଷ୍ଟା ସୁବାସ ଧଳ, ତାରିଣୀ କୁମାର ପଟ୍ଟନାୟକ, ମନମୋହନ ବାରିକ, ଅଶୋକ ବେହେରା, ସୁଧାଶଙ୍କର ବିଶ୍ୱାଳ, ତପନ ମହାନ୍ତି, ବାଦଲ ନାୟକ, ସତ୍ୟବ୍ରତ ପଣ୍ଡା, ଗୋଲକ ବିହାରୀ ପରିଡ଼ା, ଅଜୟ ପୃଷ୍ଟି, ଧନୁଷ ଦଳେଇ, ମନୋଜ ବେହେରା, ଶୁଭ୍ରାଂଶୁ ନାୟକ, ବିକାଶ ପ୍ରଧାନ, ସନ୍ତୋଷ ସାହୁ ପ୍ରମୁଖ ଏକ ଜେସିବି ସାହାଯ୍ୟରେ ମୃତ ଷଣ୍ଢଟିକୁ ନେକୁରୁଶୁଣୀ ପଡ଼ିଆରେ ସତ୍କାର କରିବା ସହିତ ଏକ ବରଗଛର ଚାରାରୋପଣ କରିଥିଲେ।

୪ ମାସ ତଳେ କରିଥିଲେ ପ୍ରେମ ବିବାହ : ଘରୁ ମିଳିଲା ଝୁଲନ୍ତା ମୃତଦେହ

ଧର୍ମଗଡ଼ ,୧୯/୯ (ନି.ପ୍ର): ଚାରି ମାସ ତଳେ କରିଥିଲେ ପ୍ରେମ ବିବାହ। ହେଲେ ଗତକାଲି ଶ୍ୱଶୁର ଘରୁ ଝୁଲନ୍ତା ଅବସ୍ଥାରେ ମିଳି

ସୁନ୍ଦର ତ୍ୱଚା ପାଇଁ ଘରୋଇ ଉପଚାର

ଦାମୀ କ୍ରିମ କି ଲୋସନ ନୁହେଁ କି କସ୍ମେଟିକ୍ ସର୍ଜରୀ ବି ନୁହେଁ ଆପଣମି ଘରୋଇ ବ୍ୟବହୃତ ଜିନିଷରେ ଆପଣଙ୍କ ସ୍ୱାସ୍ଥ୍ୟ ଓ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ ।

କାକୁଡ଼ି:

ଏହା ଜାଣିବା ଉଚିତ୍ ଯେ କାକୁଡ଼ି ଏକ ବିଶେଷ ଫଳ ଚର୍ମ ପାଇଁ ଆଣ ସହଜରେ ବ୍ୟବହାର କରିପାରିବେ । କଳା ଦାଗକୁ ଲାଘବ କରିବା ପାଇଁ । ଆଖିର ତଳ ଭାଗରେ ଥିବା କଳା ଦାଗରେ କାକୁଡ଼ି କାଯି ରଖିଲେ ଦାଗ ଦୂର ହୋଇଥାଏ । ତ୍ୱଚା ଉଜ୍ଜ୍ୱଳ ଦିଶିବା ସାଙ୍ଗକୁ କଳା ଦାଗ ଦୂର ହୋଇଥାଏ । ଏହାକୁ ଆଖି ଓ ମୁହଁରେ କୋଡ଼ିଏ ମିନିଟ୍ ପାଖାପାଖି ରଖିବା ଉଚିତ ।

ମଇଦା:

ମଇଦା ଶୁଷ୍କ ତ୍ୱଚାର ଦାଗ ଦୂର କରିଥାଏ । ଏହା ଯଦିଓ ପାରମ୍ପାରିକ ବ୍ୟବହାର କରାଯାଉଥିଲା ସୌନ୍ଦର୍ଯ୍ୟ ପାଇଁ କିନ୍ତୁ ଲେମ୍ବୁ ରସ ମଇଦା ମିଶ୍ରଣ କରି କ୍ଷୀର ସହ ୨୦ରୁ ୩୦ ମିନିଟ୍ ଯାଏ ଲଗାଇଲେ ତ୍ୱଚା ଚିକ୍କଣ ଦିଶିଥାଏ ।

ଲେମ୍ବୁ:

ଲେମ୍ବୁ ମୁଖ ବ୍ରଣକୁ ଦୂର କରିବାରେ ସହାୟ ହୋଇଥାଏ । ଏହାକୁ ମୁହଁରେ ଘଷିଲେ ଦାଗ, ବ୍ରଣ ଦୂର ହୋଇଥାଏ ।

କଫି:

କେବଳ ପାନୀୟ ଭାବେ ନୁହେଁ କଫିର ମଧ୍ୟ ସୌନ୍ଦର୍ଯ୍ୟ ବୃଦ୍ଧି କରିବାର କ୍ଷମତା ରହିଛି । ଶୁଷ୍କ ତ୍ୱଚାରେ କିଛି ପରିମାଣର କଫିକୁ ଲଗାଇଲେ ମଳିନ ତ୍ୱଚା ଉଜ୍ଜ୍ୱଳ ଦିଶିଥାଏ ।

ମହୁ

ଚର୍ମ ଉପର ଦାଗ ଦୂର କରିବା ପାଇଁ ଦୁଇରୁ ତିନି ଚାମଚ ମହୁ ଆଠରୁ ଦଶମିନିଟ୍ ଯାଏ ଲେପ ଦିଅନ୍ତୁ ଦେଖିବେ ଆପଣଙ୍କ ମୁହଁ ଉଜ୍ଜ୍ୱଳ ଦିଶିବା ସଙ୍ଗେସଙ୍ଗେ ପ୍ରଶମିତ ହେବ । ଦାଗ ରହିଥିବା ବୀଜାଣୁକୁ ମଧ୍ୟ ଦୂର କରି ପାରିବ ।

ଅମୃତଭଣ୍ଡା:

ଅମୃତଭଣ୍ଡାରେ ଭିଟାମିନ ଏ ଥାଏ । ଏକ ଗ୍ଲାସ ଅମୃତଭଣ୍ଡାର ଜୁସ୍ ପିଇବା ଦ୍ୱାରା ମୁଖ ବ୍ରଣ ଦୂର ହେବା ସଙ୍ଗେ ସଙ୍ଗେ ଆପଣଙ୍କ ମୁଖର ଉଜ୍ଜ୍ୱଳତା ଦୃଶ୍ୟମାନ ହୋଇଥାଏ । ଅମୃତଭଣ୍ଡାର ଚୋପାକୁ ମୁହଁରେ ୫ମିନିଟ୍ ଯାଏ ଘଷନ୍ତୁ ଓ ଥଣ୍ଡା ଜଳରେ ଧୋଇ ଦିଅନ୍ତୁ ଦେଖିବେବେ ତ୍ୱଚାର ଚମକତା ।



ହଳଦୀ:

ହଳଦୀ କେବଳ ରଙ୍ଗ ପାଇ ନୁହେଁ ଖାଦ୍ୟର ସ୍ୱାଦ ପାଇଁ ମଧ୍ୟ ବ୍ୟବହାର ହୋଇଥାଏ । କାକୁଡ଼ି ଓ ଲେମ୍ବୁ ଜୁସ୍ ସହ ହଳଦୀ ମିଶାଇ ଆପଣଙ୍କ ଚର୍ମରେ ବ୍ୟବହାର କରିପାରିବେ ଆପଣଙ୍କ ଚର୍ମର ରଙ୍ଗ ବଦଳିବା ସଙ୍ଗେସଙ୍ଗେ ଉଜ୍ଜ୍ୱଳ ଦିଶିବ ।



ଡାଲଚିନି:

ଡାଲଚିନି ଗୁଣ୍ଡ ମଧ୍ୟ ମୁଖର ଦାଗ, ବ୍ରଣ ଦୂର କରିଥାଏ । ମହୁ ସହ ମିଶ୍ରଣ କରି କିଛି ଡାଲଚିନି ଗୁଣ୍ଡକୁ ମୁହଁରେ ଲଗାଇବା ଫଳରେ ମୁହଁର ଚମକ ଆସିଥାଏ ।

ବିରଳ ଏଣ୍ଟୁଅ ସଂରକ୍ଷଣ

ମେକସିକୋର ରେମନ ମେଡିନା ଆରଚୁନଡାୟା ଗତ ପଞ୍ଚାଳିଶ ବର୍ଷ ହେଲା ମେକ୍ସିକାନ ଇଗୁଆନାଙ୍କ ସଂରକ୍ଷଣରେ ଲାଗିଛନ୍ତି । ମେକ୍ସିକାନ ଇଗୁଆନା ବିଲୁପ୍ତି ମୁହଁରେ ଥିବା ସ୍ଥାନୀୟ ଏଣ୍ଟୁଅ ପ୍ରଜାତି । ଏକଦା ମେକସିକୋର ବିଭିନ୍ନ ଅଞ୍ଚଳରେ ଏହି ପ୍ରଜାତିର ଏଣ୍ଟୁଅ ବହୁ ସଂଖ୍ୟାରେ ଦେଖାଯାଉଥିଲା । ତେବେ, ଅବାଧ ଶିକାର ଯୋଗୁଁ ସଂଖ୍ୟା ଦ୍ରୁତି ଗିତରେ ହ୍ରାସ ପାଇଥିଲା । ଶିକାରର ମୁଖ୍ୟ କାରଣ , ଏହି ଏଣ୍ଟୁଅ ଏକ ବିନିଷ୍ଟକାରୀ ସରୀସୃପ । ଉପକାରୀ ଗଛ-ଲତା ଫଳ-ଫୁଲ ନଷ୍ଟ କରିବାଠାରୁ ଆରମ୍ଭ କରି ଗୃହପାଳିତ ପକ୍ଷୀଙ୍କ ଅଣ୍ଡା ଖାଇଦେବା ତଥା ବିଦ୍ୟୁତ୍ କେବଳ କାଟିବା ପାଇଁ ଏହା କୁଖ୍ୟାତ । ବିଲୁପ୍ତି ମୁହଁରେ ଥିବାରୁ ଏବେ ଶିକାର ନିଷିଦ୍ଧ କରାଯାଇଛି । ରେମନଙ୍କ ଉନ୍ୟମ ଯୋଗୁଁ ଏହି ଏଣ୍ଟୁଅଙ୍କ ପାଇଁ ଏକ ଅଭୟାରଣ୍ୟ ସୃଷ୍ଟି କରିଛନ୍ତି । ଏକଦା ଦୁର୍ଦ୍ଦଶାଗ୍ରସ୍ତ ଦୁଇଟି ଏଣ୍ଟୁଅ ଦେଖି ସେ ସଂରକ୍ଷଣ ପାଇଁ ଆଗ୍ରହୀ ହୋଇଥିଲେ । ଏହି କାର୍ଯ୍ୟରେ ପ୍ରଥମେ ସହଯୋଗ କରିଥିଲେ, ତାଙ୍କ ପିତା; ପରେ ପରିବାରର ଅନ୍ୟମାନେ ଏତେ ସଂଖ୍ୟକ ଏଣ୍ଟୁଅଙ୍କ ପାଳନ କିଛି ସାମାନ୍ୟ କଥା ନୁହେଁ । ଏହି ଶାକାହାରୀ ସରୀସୃପଙ୍କ ପାଇଁ ନୈନିକ ଲୋଡ଼ା ଅନ୍ୟୁନ ୧୫୦ କିଲୋଗ୍ରମ ପାଚିଲାଫଳ ।

ବାସ୍ତୁ ସତର୍କତା

ଆମ ଚଳଣି ଓ ଦୈନନ୍ଦିନ ଦିନଚର୍ଯ୍ୟାରେ ବାସ୍ତୁ ପ୍ରଭାବିତ ହୁଏ ଏବଂ ତଦନୁଯାୟୀ ଫଳ ପ୍ରଦାନ କରେ । ତେଣୁ ଗୃହର ବାସ୍ତୁ ସହିତ ଆମକୁ ବାସ୍ତୁ ସମ୍ବନ୍ଧିତ ଅନ୍ୟ ଦଗଗୁଡ଼ିକ ପ୍ରତି ମଧ୍ୟ ସତର୍କ ରହିବାକୁ ପଡ଼ିବ । ସାଧାରଣ ଘରକରଣା ସହିତ ଚଳଣିଗତ ଅଭ୍ୟାସ ହୁଏ । ବାସ୍ତୁବିତ୍‌ଙ୍କ କହିବା ଅନୁସାରେ ସେଗୁଡ଼ିକୁ ସଂଶୋଧନ କଲେ ଜୀବନ ସୁଖକର ହେବ ,ବଂ ଦୁର୍ଭାଗ୍ୟକୁ ମଧ୍ୟ ଯଥାସମ୍ଭବ ,ଡ଼ାଇ ଦେଇ ହେବ । ଆସନ୍ତୁ ଜାଣିବା ଏ ସଂକ୍ରାନ୍ତ କିଛି ମୂଲ୍ୟବାନ ପରାମର୍ଶ-

- ଟଙ୍କା ଅଳଙ୍କାର ପ୍ରଭୃତି ରଖୁଥିବା ଆଲମିରା ଉପରେ କୌଣସି ଦ୍ରବ୍ୟ ରଖନ୍ତୁ ନାହିଁ । ଏହାକୁ ସର୍ବଦା ଖଶଲି ରଖନ୍ତୁ ଏବଂ ନିୟମିତ ବ୍ୟବଧାନରେ ଉପରେ ଜମି ରହୁଥିବା ଧୂଳି ଓ ଅଳନ୍ଧୁ ସଫା କରନ୍ତୁ ।
- ଏହି ଆଲମିରାରେ ଜମିବାଡ଼ି ସମ୍ବନ୍ଧିତ କୌଣସି କାଗଜପତ୍ର ରଖନ୍ତୁ ନାହିଁ । ଷ୍ଟୋରରୁମ ଓ ଗାଧୁଆ ଘରକୁ ଲାଗି ପୂଜା ଘର କରନ୍ତୁ ନାହିଁ ।
- ଅଗଣାରେ ନିଶ୍ଚିତ ଭାବରେ ତୁଳସୀ ଚଉରା ରଖନ୍ତୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଦୀପଜାଳନ୍ତୁ ।
- ଘରେ ଅଚଳ ବା ଖରାପ ହୋଇ ଥିବା ଘଣ୍ଟା ରଖନ୍ତୁ ନାହି ।
- ନୂଆ ଘର କରୁଥିଲେ ପ୍ଲଟକୁ ଲାଗି ତେନ୍ତୁଳି କିମ୍ବା ବରଗଛ ଅଛି ନା ନାହିଁ ଦେଖନ୍ତୁ, ଥିଲେ ଘର ତୋଳିବା ଆଗରୁ ତାକୁ କାଟି ଦିଅନ୍ତୁ ।
- ଖଟ ତଳେ ଜୋତା, ଚପଲ । ଅନ୍ୟ କୌଣସି ଜିନିଷ ରଖନ୍ତୁ ନାହିଁ । ଏହି ସ୍ଥାନକୁ ସର୍ବଦା ପରିଷ୍କାର ରଖନ୍ତୁ ।
- ପୂଜାଘରର ଉପରଛାତ ଖାଲି ରଖନ୍ତୁ । ପୂଜାଘରେ ମୃତ ବ୍ୟକ୍ତିଙ୍କ ଫଟୋ ବା ଚିତ୍ର ରଖନ୍ତୁ ନାହିଁ ।
- ରାତିରେ ରୋଷେଇ ଘରେ ଅଇଁଠା ବାସନ ରଖନ୍ତୁ ନାହିଁ ।



ବ୍ୟାନ୍

■ ଜାପାନରେ ନାଇଟ ଲାଇଫ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ-କରିଛି। ହେଲେ ରାତିରେ ଡ୍ୟାନ୍ସ ମନା। ୧୯୪୮ ମସିହାରୁ ଜାପାନର ନାଇଟ କ୍ଲବରେ ଡ୍ୟାନ୍ସ ସମ୍ପୂର୍ଣ୍ଣ ବ୍ୟାନ୍।

■ କିଣ୍ଡର ଜୟ କିମ୍ବା କିଣ୍ଡର ସରପ୍ରାଇଜ ଏଗ୍ ପିଲାମାନଙ୍କୁ ଭାରି ପସନ୍ଦ। କିନ୍ତୁ ଆମେରିକାରେ କିଣ୍ଡର ଜୟ ସମ୍ପୂର୍ଣ୍ଣ ବ୍ୟାନ୍। ଯଦି ଆମେରିକାରେ କାହାଠାରୁ କିଣ୍ଡର ଏଗ୍ ମିଳେ ତ ତାଙ୍କଠାରୁ ଜରିମାନା ବାବଦକୁ ୨,୫୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାର ଏକଲକ୍ଷ ୬୬ହଜାର ଟଙ୍କା ଆଦାୟ କରାଯାଏ। ଏହି ଚକୋଲେଟ୍‌ଟି ଏଗରେ ସରପ୍ରାଇଜ ଟୟ ରହିଥାଏ। ଏହା ପିଲାମାନଙ୍କ ତଣ୍ଟିରେ ଲାଗିଯିବା ଭୟରେ ଏହା ଉପରେ ବ୍ୟାନ ଲଗାଯାଇଛି।

ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ। ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବା ବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।

ଉଠ୍ ବସହେବା ଉପକାରୀ

ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ। ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ୍ୟ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତ୍ରିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

୧୦ବର୍ଷୀୟ ପିଲାଙ୍କ ପାଇଁ ପାର୍ଲର

ଦୁନିଆର ବ୍ୟୁଟି କ୍ୟାପିଟାଲ କୁହାଯାଉଥିବା ଦକ୍ଷିଣ କୋରିଆରେ ପ୍ରସାଧନ ସାମଗ୍ରୀରେ ଲାଭାଂଶ ବଢ଼ାଇବା ପାଇଁ ପିଲାଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ବିଶେଷତଃ ୪ରୁ ୧୦ବର୍ଷ ବୟସର ପିଲାଙ୍କ ପାଇଁ ନାମୀଦାମୀ କମ୍ପାନୀର ବ୍ୟୁଟି ପ୍ରଡକ୍ଟକୁ ପ୍ରସ୍ତୁତ କରୁଥିବା ସ୍କା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ନୂଆ ଟ୍ରେଣ୍ଡରେ ଛୋଟ ପିଲାଙ୍କୁ ଆକର୍ଷିତ କରାଯାଉଛି ଯାହାକୁ ଲୋକେ ବିରୋଧ କରୁଥିବାର ଜଣାପଡ଼ିଛି । ପିଲାଙ୍କୁ ସୁନ୍ଦର ଦେଖାଯିବା ପାଇଁ ହେଉଥିବା ଚିକିତ୍ସାକୁ 'କେ ବ୍ୟୁଟି' ଅର୍ଥାତ୍ କିଣ୍ଡରଗାର୍ଟେନ ବ୍ୟୁଟି କୁହାଯାଉଛି । ଦକ୍ଷିଣ କୋରିଆର ପିଲାମାନେ ସୁନ୍ଦର ଦେଖାଯିବା ନିମନ୍ତେ ଖୁବ୍ ପ୍ରୟାସ କରନ୍ତି । କିଛି ପିଲା ୟୁ-ଟ୍ୟୁବ୍ ଭିଡିଓରେ ମେକଅପ ଟ୍ରିକ୍ ମଧ୍ୟ ଶେୟାର କରୁଥିବାର ଦେଖିବାକୁ ମିଳେ । ପ୍ରାଇମେରୀ ସ୍କୁଲ ଯାଉଥିବା ପିଲା ମେକ୍‌ଅପ୍ କିଟ୍ କିପରି ହେବା ଦରକାର ତାହାର ଭିଡିଓ ସେୟାର କରୁଛନ୍ତି । ପିଲାଙ୍କ ପାଇଁ ବ୍ୟୁଟି ପ୍ରଡକ୍ଟ ତିଆରି କରୁଥିବା ଶୁଶୁ କସ୍ମେଟିକ୍ କମ୍ପାନୀ ଦକ୍ଷିଣ କୋରିଆରେ ୨୦୧୩ରେ ବ୍ୟବସାୟ ଆରମ୍ଭ କରିଥିଲେ । ବର୍ତ୍ତମାରନ ଏହି ହେଲ୍‌ଦୀ କସ୍ମେଟିକ୍ସର ୧୩ଟି ବଡ଼ ଷ୍ଟୋର ହୋଇସାରିଲାଣି । ପ୍ରସାଧନ ସାମଗ୍ରୀ କହିଲେ ନେଲ ପଲିଶ୍, ନନ ଟକ୍ସିକ୍ ଲିପ୍ କଲର, ଫ୍ୟାନ୍ସି ଗାର୍ଲ ସାବୁନ୍, ଛେଳି ଦୁଗ୍ଧର ଶାମ୍ପୁ ରହିଛି । ତାଙ୍କ ପ୍ୟାକିଂ ଠାରୁ ଆରମ୍ଭ କରି ନାମକରଣ ଓ ସ୍ଲୋଗାନ ପିଲାଙ୍କୁ ଆକର୍ଷଣ କଲା ଭଳି 'ମେ ବଚ୍ଚୀ ନେହିଁ ହୁଁ' । ବିଶେଷତଃ ୪ରୁ ୧୦ବର୍ଷ ପିଲାମାନଙ୍କ ପାଇଁ ସ୍କାରେ ଫୁଟ୍ ବାଥ , ମସାଜ, ଫେସ ମାସ୍କ, ମେକଅପ୍ ଓ ମେନିକ୍ୟୋର ସେବା ଯୋଗାଇ ଦେଉଛନ୍ତି । ଯେଉଁଥିରେ ୧୭୦୦ରୁ ୨୫୦୦ଟଙ୍କା ଖର୍ଚ୍ଚ ହୋଇଥାଏ । ପିଲାଙ୍କ ସିୟୋଲ କିଡସ୍ କାଫେରେ ୪ରୁ ୯ବର୍ଷ ପିଲାଙ୍କୁ କାର୍ଟୁନ ଚରିତ୍ରରେ ମଧ୍ୟ ପ୍ରସ୍ତୁତ କରାଯାଏ । ସ୍କା ଓ ମେକଅପ୍ ସହ ତାଙ୍କୁ କ୍ୟାଟ୍‌ୱାକ୍ ଓ ନୃତ୍ୟଗୀତ ପାଇଁ ରେକଡିଂ ଷ୍ଟୁଧିଓ ନିଆଯାଏ । କିନ୍ତୁ ଏହା ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ ହେବାକୁ ଲାଗିଛି । ଛୋଟ ବୟସରୁ ପିଲାଙ୍କୁ ଏପରି ମେକ୍‌ଅପ୍ କରିବା ଦ୍ୱାରା ତାଙ୍କ ଜୀବନରେ ଏହା କୁପ୍ରଭାବ ପକାଉଛି ବୋଲି କୁହାଯାଇପାରେ । ମୁହଁରେ ରଙ୍ଗ ବୋଳି ହିଁ ସଫଳତା ହାସଲ କରିହେବ ବୋଲି ସେମାନେ ùcK@KêLê MêZßù\ aû @e, Keù\ CQ«ùù _ê cK i êKê288 ପିଲାଙ୍କ ମଧ୍ୟରୁ ୪୨ ପ୍ରତିଶତ ପିଲା ମେକଅପ୍ ହୋଇ ଆସିଥିବାର ଦେଖିବାକୁ ମିଳିଛି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଖଜୁରୀ ଗଛ ମୂଳରୁ ପାହାଚ ପାହାଚ...

ଆମେରିକା ନେତୃତ୍ୱାଧୀନ ନାଟୋ ସେନାଙ୍କ ପ୍ରତ୍ୟାବର୍ତ୍ତନ ପରେ ଆଫଗାନିସ୍ତାନରେ କ୍ଷମତା ଦଖଲ କରିଥିବା ତାଲିବାନ ଉଗ୍ରବାଦୀଙ୍କ ଭିତରେ ଏବେ ତୀବ୍ର ଗୋଷ୍ଠୀକନ୍ଦଳ ଦେଖାଦେଇଛି । ପ୍ରାୟ ଏକମାସ ପୂର୍ବେ କାବୁଲ ଅକ୍ତିଆର କରିବା ପୂର୍ବେ ତାଲିବାନ ଉଗ୍ରବାଦୀମାନେ ସେଠାରେ ସରକାର ଗଠନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ଦେଶର ବିଭିନ୍ନ ଉଗ୍ରବାଦୀ ଗୋଷ୍ଠୀଙ୍କ ମଧ୍ୟରେ ବାରମ୍ବାର ଆଲୋଚନା ପରେ ଏବେ ସେଠାରେ ଏକ ମଧ୍ୟବର୍ତ୍ତୀ ସରକାର ଗଠିତ ହୋଇଛି ଏବଂ ସେଥିରେ ମୁଖ୍ୟ ଅଂଶୀଦାର ବନିଛନ୍ତି ତାଲିବାନ ଓ ହକାନୀ ଗୋଷ୍ଠୀ । ଏବେସୁଦ୍ଧା ସେଠାରେ ଯେଉଁ ମନ୍ତ୍ରୀମଣ୍ଡଳ ଗଠିତ ହୋଇଛି ସେଥିରେ କୌଣସି ଜଣେ ହେଲେ ମହିଳା ନାହାଁନ୍ତି ଏବଂ ଯେଉଁମାନଙ୍କୁ ମନ୍ତ୍ରୀ କରାଯାଇଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦୀ ଭାବେ ଘୋଷିତ ହୋଇଛନ୍ତି । ଏହି ସରକାରକୁ ଏପର୍ଯ୍ୟନ୍ତ ବିଶ୍ୱର କୌଣସି ରାଷ୍ଟ୍ର ମଧ୍ୟ ସ୍ୱୀକୃତି ପ୍ରଦାନ କରିନାହାଁନ୍ତି । ଏକ ଇସଲାମୀୟ ରାଷ୍ଟ୍ର ଗଠନ ଘୋଷଣା କରିବା ପରେ ସୁଦ୍ଧା ତାଲିବାନ ସରକାରକୁ କେହି ଭରସି ପାରୁନାହାଁନ୍ତି । ଏପରିକି ପ୍ରାରମ୍ଭରୁ ସେଠାରେ ଯେଉଁ ମହିଳା ବିରୋଧୀ ଆଇନକାନୁନ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ଓ ମାନବୀୟ ଅଧିକାର ଉଲ୍ଲଙ୍ଘନ କରାଯାଉଛି ସେଥିରେ ମିଳିତ ଜାତିସଂଘ ଭଳି ସଂଗଠନମାନେ ଘୋର ଉଦ୍‌ବେଗ ପ୍ରକଟ କରିଛନ୍ତି । ସେପରି ସ୍ଥଳେ ବର୍ତ୍ତମାନ ସେହି ତାଲିବାନ ଗୋଷ୍ଠୀ ଏବଂ ହକାନୀ ଗୋଷ୍ଠୀଙ୍କ ମଧ୍ୟରେ ଏହା ପରିଲକ୍ଷିତ ହୋଇଛି । ଆଫଗାନିସ୍ତାନରୁ ମାର୍କିନ ଓ ନାଟୋ ସେନାଙ୍କୁ ହଟାଇବାରେ କିଏ ବଡ଼ ଭୂମିକା ଗ୍ରହଣ କରିଥିଲା ଏବଂ ସରକାରରେ ଏବେ କିଏ ସିଂହଭାଗ ଅକ୍ତିଆର କରିବ ତାହା ହିଁ ହେଉଛି ବିବାଦର ମୂଳ କାରଣ । ତାଲିବାନ ନେତା ଓ ଉପପ୍ରଧାନମନ୍ତ୍ରୀ ଅବଦୁଲ ଘନୀ ବରାଦର ଏବଂ ହକାନୀ ଗୋଷ୍ଠୀ ନେତା ତଥା ଶରଣାର୍ଥୀ ବ୍ୟାପାର ମନ୍ତ୍ରୀ ଖଲିଲ ଉର୍ ରହମନ ହକାନୀଙ୍କ ମଧ୍ୟରେ ଏହାକୁ ନେଇ ସେ ଦେଶର ରାଷ୍ଟ୍ରପତି ଭବନ ଭିତରେ ଉଚ୍ଚବାଚ୍ଚ ଓ କଥା କଟାକଟି ଏବଂ ଉଭୟ ଗୋଷ୍ଠୀର ପ୍ରମୁଖ ନେତାଙ୍କ ଭିତରେ ହଟ୍ଟଗୋଳ ସୂଚୀତ କରେ ଯେ, କ୍ଷମତା କନ୍ଦଳ ଏବେ ସେଠାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି କରିଛି । ଏହାକୁ ଉଭୟ ଗୋଷ୍ଠୀ ଅସ୍ୱୀକାର କରିବା ଏବଂ ସାମୟିକ ଭାବେ ସେମାନଙ୍କ ମଧ୍ୟରେ ବୁଝାମଣା ହେବା ଏହାର ସ୍ଥାୟୀ ସମାଧାନ ପନ୍ଥା ପରି ପ୍ରତୀୟମାନ ହୁଏନାହିଁ । ଆଫଗାନିସ୍ତାନରେ ଗୋଷ୍ଠୀକନ୍ଦଳ, ଗୁଳିଗୋଳା ବିନିମୟ କି ଗୃହଯୁଦ୍ଧ ଲାଗିବା କିଛି ନୂଆ କଥା ନୁହେଁ । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ତାହା ଦେଶବାସୀଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିବ । ଉଗ୍ରବାଦୀ ଗୋଷ୍ଠୀମାନେ କ୍ଷମତା ପାଇଁ ଅନ୍ଧ ପାଲଟିଥିବା ବେଳେ ସେଠାରେ ଏବେ ଖାଦ୍ୟ, ପାନୀୟ ଜଳ ଓ ଚିକିତ୍ସା ସେବା ଭଳି ମୌଳିକ ସମସ୍ୟା ଉତ୍କଟ ଆକାର ଧାରଣ କରିଛି । ଶିକ୍ଷା ଓ ଅନ୍ୟାନ୍ୟ ସାମାଜିକ କଲ୍ୟାଣ କଥା ପଚାରେ କିଏ ? ତାଲିବାନ ନାମରେ ସେଠାରେ ସରକାର ଗଠିତ ହୋଇଥିଲେ ସୁଦ୍ଧା ହକାନୀ ଗୋଷ୍ଠୀ ହିଁ ସରକାରକୁ ଓ ଦେଶକୁ ନିୟନ୍ତ୍ରଣ କରିବାକୁ ମସୁଧା ରଖିଛି । ହକାନୀ ଗୋଷ୍ଠୀ ସାମରିକ ଓ ଆର୍ଥିକ ଦୃଷ୍ଟିରୁ ବେଶ୍ ସୁଦୃଢ଼ । ଏହା ପଛରେ ପାକିସ୍ତାନର ପ୍ରତ୍ୟକ୍ଷ ସମର୍ଥନ ରହିଛି । ତେଣୁ ହକାନୀ ଗୋଷ୍ଠୀକୁ ସରକାରରେ ସାମିଲ କରିବା ନିମନ୍ତେ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଫୈଜ ହମିଦ କାବୁଲଠାରେ କ୍ୟାମ୍ପ ପକାଇ ବସିବା ଓ ବିବାଦ ତୁଟାଇବା କଥା ସମସ୍ତଙ୍କୁ ଜଣା । ଏପରିକି ସରକାର ଗଠନ ପରେ ସେଠାରେ ଏବେ ଆଫଗାନୀ ମୁଦ୍ରା ଦିନକୁ ଦିନ ଅଚଳ ହେବାରେ ଲାଗିଛି । ପାକିସ୍ତାନୀ ମୁଦ୍ରାକୁ ସେଠାକାର ମୁଦ୍ରା ଭାବେ ଚଳାଇବାକୁ ହକାନୀ ଗୋଷ୍ଠୀ (ଏବଂ ପାକିସ୍ତାନ) ଭିତରେ ଭିତରେ ମସୁଧା କରୁଛନ୍ତି । କିନ୍ତୁ ତାଲିବାନ ସଂଗଠନ ହକାନୀ ଗୋଷ୍ଠୀଙ୍କ ଏଭଳି ବଡ଼ଭାଇପଣିଆକୁ ସ୍ୱୀକାର କରିବାକୁ ନାରାଜ । ସମଗ୍ର ବିଶ୍ୱ ଜାଣେ ଯେ, ତାଲିବାନ ସହ ବୁଝାମଣା ପରେ ହିଁ ମାର୍କିନ୍ ସେନା ସେଠାରୁ ପ୍ରସ୍ଥାନ କରିଛନ୍ତି । ଏଥିପାଇଁ ଦୋହା ଶାନ୍ତି ରାଜିନାମାରେ ତାଲିବାନ ନେତା ବରାଦର ହିଁ ସ୍ୱାକ୍ଷର କରିଛନ୍ତି । ତେଣୁ ତାଲିବାନ ଏହି ଶ୍ରେୟକୁ କାହା ସହ ବାଣ୍ଟିବାକୁ ନାରାଜ । ହକାନୀ ଗୋଷ୍ଠୀର ଆର୍ଥିକ ଓ ସାମରିକ ସହଯୋଗକୁ ସେମାନେ ଗ୍ରହଣ କରୁଥିଲେ ସୁଦ୍ଧା ନିଜର ସଫଳତାକୁ ଅନ୍ୟକୁ ଦେଇ ଦେଶବାସୀ ଓ ନିଜ ଦଳର ଲଢୁଆ ସେନାଙ୍କ ମନ ଉଣା କରିବାକୁ ସେମାନେ ନଚାହିଁବା ସ୍ୱାଭାବିକ । ଏବେ ଲକ୍ଷ୍ୟ କରିବା କଥା, ଏହି ବିବାଦ କେଉଁ ମୋଡ଼ ନେଉଛି ଏବଂ ତାଲିବାନ ଓ ହକାନୀ ଗୋଷ୍ଠୀ ନିଜ ଭିତରେ ଆପୋସ ବୁଝାମଣାରେ କେତେ ଦିନ ତିଷ୍ଠି ରହୁଛନ୍ତି ।

ଶ୍ରୀମଦ୍ଭାଗବତ ଜନ୍ମ : ଅତିବଡି ଜଗନ୍ନାଥ ଦାସ

ସୁଷମା ପରିଜା

ଶ୍ରୀମଦ୍ ଭାଗବତ ବ୍ରହ୍ମଦେବଙ୍କର ସୃଷ୍ଟି । ସ୍କନ୍ଧ ପୁରାଣକହେ ବ୍ରହ୍ମଦେବ ମହାବିଷ୍ଣୁଙ୍କ ନାଭିକମଳରୁ ଜାତ ହୋଇ ତାଙ୍କର ଆଜ୍ଞାରେ ସୃଷ୍ଟି କାର୍ଯ୍ୟରେ ଲୀନ ହେଲେ । ଚାରି ମୁଖରୁ ଚାରିବେଦ, ଉପନିଷଦ, ଅପେକ ଶାସ୍ତ୍ର ଏବଂ ଅଷ୍ଟାଦଶ ପୁରାଣ ସୃଷ୍ଟି କଲେ ତଥାପି ତାଙ୍କର ମନରେ ଶାନ୍ତି ଆସିଲା ନାହିଁ । ମନେ ହେଲା ଆହୁରି କିଛି ବାକି ରହିଗଲା । ହୃଦୟ ଭିତରେ କିଛି ଗୋଟାଏ ବାକି ରହି ଯିବାର ଜିଜ୍ଞାସାକୁ ନେଇ ଅହରହ ବିଚଳିତ ହେଉଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମା । ସେହି ଜିଜ୍ଞାସା ତାଙ୍କୁ ଟାଣିଲା ମହାଯୋଗୀ ମହେଶ୍ୱରଙ୍କ ନିକଟକୁ । ସେତେବେଳେ ମହେଶ୍ୱର ଦେବୀ ପାର୍ବତୀଙ୍କ ସହି ତନିଭୃତରେ କୈଳାସ କନ୍ଦରରେ ବିରାଜମାନ କରୁଥାନ୍ତି । ବ୍ରହ୍ମଦେବଙ୍କର ସାହସ ହେଲାନି ସେମାନଙ୍କ ସମ୍ମୁଖରେ ଉପସ୍ଥିତ ହେବାଲାଗି । ସେମନେ ମନେ ଉପାୟ କଲେ ମା' ପାର୍ବତୀଙ୍କ ଜରିଆରେ ତାଙ୍କର ଜିଜ୍ଞାସାର ଉତ୍ତରଟି ପାଇବା ପାଇଁ । ବ୍ରହ୍ମଦେବଙ୍କ ମାୟାରେ ଆଚ୍ଛନ୍ନ ହୋଇ ମା' ପାର୍ବତୀ ପ୍ରଶ୍ନକଲେ ମହାଦେବଙ୍କୁ "ହେ ଦେବ ! ଆପଣଙ୍କର ଏଇ କର୍ପୁର ଗୌରବର୍ଣ୍ଣର ଶରୀରରେ ଏଇ ଭସ୍ମର ଲେପନ ଏବଂ ଏଇ ମୁଣ୍ଡର ମାଳ ମୋଟେ ଶୋଭାପାଉନାହିଁ । ଆପଣ କାହିଁକି ଏମିତି ଅଭେକ ହେଉଛନ୍ତି ଯେ ?

ମହାଦେବ ହସିଲେ ଏବଂ ଉତ୍ତର ଦେଲେ "ହେ ପାର୍ବତୀ ! ମୁଁ ହେଲି ଯୋଗଜନ୍ମା ! ଅନନ୍ତ କାଳରୁ ତୁମ ଭଳି କେତେକେତେ ପାର୍ବତୀ ଜନ୍ମନେଇ ମୋ'ର ପତ୍ନୀ ରୂପେ ସେବା କରି ବାହୁଡି ଯାଇଛନ୍ତି ସେମାନଙ୍କର ସ୍ୱସ୍ଥାନକୁ । ସେମାନଙ୍କର ସ୍ମୃତି ଚିହ୍ନ ସ୍ୱରୂପ ସେମାନଙ୍କର ଏଇ ମୁଣ୍ଡ ଗୁଡିକ ସାଇତି ରଖିଛି ମୋ' ଗଳାର ମାଳ କରି ଏବଂ ସେମାନଙ୍କ ଶରୀରର ଭସ୍ମାବ ଶେଷକୁ ଦେହରେ ବୋଳି ହୋଇ ତାଙ୍କର ସାନିଧ ଲାଭ କରୁଛି ।"

ଚମକି ପଡିଲେ ମା' ପାର୍ବତୀ । ପୁନଶ୍ଚ ପ୍ରଶ୍ନ କଲେ ...

-ପ୍ରଭୋ ! ତେବେ କ'ଣ ମୋ'ର ମଧ୍ୟ ଏଇ ଦଶା ହେବ ?

-ଏହା ତ ଯୁଗର ଧର୍ମ । ଅବଧାରିତ ସତ୍ୟ ।

-ତେବେ କ'ଣ ଏମିତି କିଛି ହୋଇ ପାରନ୍ତା ନାହିଁଯେ ମୋ'ର ଆଉ ପୁନର୍ଜନ୍ମ ହୁଅନ୍ତା ନାହିଁ, ଏତିକିରେ ଏଇଠି ଏ ମାଳା ଏତିକି ରହି ଯାଆନ୍ତା ?

-ହଁ,ହୋଇ ପାରନ୍ତା । ଆତ୍ମା ଯଦି ବ୍ରହ୍ମଜ୍ଞାନ ଲାଭ କରେ, ତେବେ ତା'ର ପୁନର୍ଜନ୍ମ ହୁଏ ନାହିଁ । ସେ ବ୍ରହ୍ମଲୀନ ହୋଇଯାଏ ।

-ତେବେ ସେଇ ବ୍ରହ୍ମଜ୍ଞାନ ମତେ ଦିଅନ୍ତୁ ପ୍ରଭୋ ! ମୋ'ର ପୁନର୍ଜନ୍ମ ନହେଉ । ଏ ମାଳା ଏତିକିରେ ରହୁ ।

-'ତଥାସ୍ତୁ" । ହେଲେ ଏହା ଅତ୍ୟନ୍ତ ଗୂଢ ଜ୍ଞାନ ।ଜ୍ଞାନ ଦାତା ଏବଂ ଜ୍ଞାନ ପ୍ରାପକ ଏଇ ଦୁହିଁଙ୍କ ବ୍ୟତୀତ ଏହା ଅନ୍ୟ କେହି ଶୁଣିବା ମନା । ତୁମେ ମଧ ଏକାଗ୍ର ଚିତ୍ତରେ ଶୁଣି ଏହାକୁ ମନନ କରିବା ଲୋଡା । ସେଥିପାଇଁ ଏକାନ୍ତ ସ୍ଥାନଟିଏ ଦେଖି ମୁଁ ତୁମକୁ ଏଇ ଜ୍ଞାନ ଟି ଦେବି । ଏବେ ଚାଲ ଯିବା ଏମିତି ଏକ ରମଣୀୟ ନିର୍ଜନ ସ୍ଥାନକୁ ।"

ଏତିକି କହି ଦେବଦେବ ମହାଦେବ ମାତା ପାର୍ବତୀଙ୍କୁ ଧରି ଉଡି ଆସିଲେ ଏକାମ୍ର କାନନକୁ । ଏକକ ଆମ୍ର ବୃକ୍ଷଟିଏ ଥାଇ ସୁନ୍ଦର କାନନଟିଏ । ବିଭିନ୍ନ ପ୍ରକାର ଫୁଲଫଳ ବୃକ୍ଷରେ ଭରା କାନନଟିର ଅନୁପମ ଶୋଭାରେ ବିମୋହିତ ହୋଇ ଶିବପାର୍ବତୀ ସେଇଠି ନିରୋଳାରେ ବସିଲେ ସେଇ ଏକକ ଆମ୍ର ବୃକ୍ଷର ବିଶାଳ ତରୁଛାୟାରେ । କିଛିକ୍ଷଣ ପରେ ପ୍ରଫୁଲ୍ଲ ଚିତ୍ତରେ ମହେଶ କହିଲେ .....

-ହେ ଦେବୀ ! ଏବେ ମୁଁ ବ୍ରହ୍ମଜ୍ଞାନ କହିବା ଆରମ୍ଭ କରିବି । ତୁମେ ସାବଧାନହୋଇ ଶୁଣିବ । ତୁମେ ଶୁଣୁଛ ବୋଲି ବିଶ୍ୱାସ ଦେବା ପାଇଁ "ହୁଁ" ଟିଏ ନିଶ୍ଚୟ ମାରିବ, ନଚେତ୍ ମୁଁ ସେଇଠି ବନ୍ଦ କରିଦେବି ମୋ'ର କଥା । ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଏ ଜ୍ଞାନ , ଶ୍ରବଣ କୀର୍ତ୍ତନ ମନନରେ ଆତ୍ମାଶୁଦ୍ଧି ହୋଇ ଅମରତ୍ୱ ଲାଭ କରେ ।

-"ନିଶ୍ଚିତ ରୁହନ୍ତୁ ପ୍ରଭୁ ! ଆପଣଙ୍କ ଆଜ୍ଞା ନିଶ୍ଚୟ ମନେ ରଖିବି "ଆଶ୍ୱାସନା ଦେଲେ ପାର୍ବତୀ । ଦୁଇ ହାତ ଯୋଡି ଆଖିବନ୍ଦ କରି ବସିଲେ ।

ଧ୍ୟାନମୁଦ୍ରାରେ ରହି ବ୍ରହ୍ମଜ୍ଞାନ ଦେବା ଆରମ୍ଭ କରିଥିଲେ ଦେବ ଦେବ ମହାଦେବ । ଅନର୍ଗଳ କହି ଚାଲିଥାନ୍ତି ଶିବଶଙ୍କର .ପାର୍ବତୀ "ହୁଁ" ମାରୁଥାନ୍ତି । ଯାତ୍ରାଜନିତ କ୍ଳାନ୍ତିଓ କାନନର ଶୀତଳ ସମୀରଣରେ ନିଦ୍ରା ଘୋଟି ଆସୁଥିଲା ପାର୍ବତୀଙ୍କୁ । ଜାଗ୍ରତ ରହିବାର ଶତ ଚେଷ୍ଟା କରିମଧ୍ୟ ଅସଫଳ ହେଲେ ସେ । ଗଭୀର ନିଦ୍ରାରେ ଚକ୍ଷୁ ମୁଦ୍ରିତ ହୋଇଯାଇଥିଲା ତାଙ୍କର । ସେଇ ଆମ୍ର ବୃକ୍ଷ କ୍ରୋଟର ମଧ୍ୟରେ ଡିମ୍ବ ପାରି ରହୁଥିଲା ଶୁକପକ୍ଷୀଟିଏ । ମାଆ ପକ୍ଷୀଟି ଉଡି ଯାଇଥିଲା ଖାଦ୍ୟ ଅନ୍ୱେଷଣରେ, ଡିମ୍ବ ମଧ୍ୟରେ ଥିବା ଭ୍ରୁଣଟି ନିଜ ଅଜାଣତରେ ମହେଶ୍ୱରଙ୍କ ମୁଖରୁ ଶୁଣୁଥିଲା ବ୍ରହ୍ମତତ୍ତ୍ୱ । ଅପୂର୍ବ, ଅଚିନ୍ତ୍ୟ, ଅଭେଦ୍ୟ, ସେ ବ୍ରହ୍ମତତ୍ତ୍ୱଶୁଣି ଶୁଣି ବିକଶିତ ହେଉଥିଲା ଡିମ୍ବଟି । ନବ ଉନ୍ମେଷରେ ପ୍ରାଞ୍ଜ ହେଉଥିଲା । ନିଦ୍ରାଗତା ପାର୍ବତୀଙ୍କର "ହୁଁ" ମାରିବା ବନ୍ଦ ହୋଇଯିବା ପରେ ଡିମ୍ବରୁ ବାହାରି ଶୁକ ଶାବକଟି "ହୁଁ" ମାରୁଥିଲା । ଚତୁର୍ଥ ଅଧ୍ୟାୟ ସରିବା ବେଳକୁ କାହିଁକି କେଜାଣି ଆଖି ଖୋଲିଗଲା ମହେଶ୍ୱରଙ୍କର । ସମ୍ମୁଖରେ ନିଶ୍ଚିନ୍ତରେ ନିଦ୍ରାଗତା ପାର୍ବତୀଙ୍କୁ ଦେଖି ସେ ବୁଝିପାରିଲେ ଅନେକକ୍ଷଣ ପୂର୍ବରୁ ନିଦ୍ରା ଯାଇଛନ୍ତି ପାର୍ବତୀ । କିଏ ତେବେ "ହୁଁ" ମାରୁଥିଲା ବୋଲି ଭାବି ଆଶ୍ଚର୍ଯ୍ୟରେ ନିରୀକ୍ଷଣ କଲେ ଚତୁର୍ଦ୍ଦିଗକୁ । ବ୍ରହ୍ମତତ୍ତ୍ୱ ଆଉ କେଉଁ ଦୈତ୍ୟ କାନରେ ପଡି ନାହିଁତ ? ତେବେ ମହା ବିଡମ୍ବନାର କଥା ହେବ ସେ ! ସେହି ସମୟରେ ଶଙ୍କରଙ୍କର ଆଖିରେ ପଡିଲା ବୃକ୍ଷ କୋଟ ରରେ ବସି ଜୁଲୁଜୁଲୁ ଚାହିଁଥିବା ସଦ୍ୟଜାତ ଶୁକ ଶାବକଟି । "ଆରେ ଏ କ'ଣ ହେଲା, ଏ ପକ୍ଷୀଟି ବ୍ରହ୍ମଜ୍ଞାନ ପାଇଗଲା ?" କହି କ୍ରୋଧାନ୍ୱିତ ହୋଇ ଶିବ ଧାଇଁଲେ ସେହି ଶୁକ ପକ୍ଷୀଟିକୁ ମାରିବା ପାଇଁ .... କିନ୍ତୁ ମାତୃ ଜଠରରୁ ବ୍ରହ୍ମଜ୍ଞାନ ଶ୍ରବଣ କରିବା ହେତୁ ଅମର ହୋଇ ସାରିଥିଲା ସେହି ଶୁକପକ୍ଷୀଟି । (କ୍ରମଶଃ)

+ ଶାରଳା ଭବନ
ପୋତାପୋଖରୀ କଟକ
(ମୋ) ୯୩୩୭୨୭୨୬୪୭

ଭାଗବତ ଜନ୍ମ ଓ ଅତିବଡି ଜଗନ୍ନାଥ ଦାସ

ଅମୂଲ୍ୟ କୁମାର ପଣ୍ଡା

'ହରି ଅନନ୍ତ ହରି କଥା ଅନନ୍ତ' ଯେଉଁଭଳି ଅନନ୍ତମୟ ଭଗବାନ୍, ସେହିଭଳି ଅନନ୍ତମୟ ଭଗବତ୍ ଲୀଳାକଥା । ଲୀଳାମୟ ସ୍ୱୟମ୍ଭୂ ଭଗବାନ୍ ହିଁ ଲୀଳାରୂପ ଅଟନ୍ତି । ଏହି ବିରାଟ ବିଶ୍ୱ ତାଙ୍କରି ଲୀଳା କ୍ଷେତ୍ର ଅଟେ । ତାଙ୍କର ଲୀଳା କୁ ନେଇ ଭାଗବତ କଥାର ଜନ୍ମ । ବ୍ୟାସଦେବ ରଚିତ ସଂସ୍କୃତ ଶ୍ରୀମଦ ଭାଗବତ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ବିଶେଷ ଆଦୃତ ହୋଇପାରିନଥିଲା । ତଥାପି ଶ୍ରୀମନ୍ଦିର ପରିସରରେ ଏହାର ପ୍ରତି ସନ୍ଧ୍ୟାରେ ପାଠ କରାଯାଉଥିଲା । ତେବେ ଏହାକୁ ଜଗନ୍ନାଥ ଦାସ ଓଡ଼ିଆରେ ଲେଖିବା ପରେ ଭାଗବତ ଘରେ ଘରେ ପରିଚିତ ହୋଇଗଲା । ବୋଧହୁଏ ଏମିତି ଓଡ଼ିଆ ଘର ନଥିବ ଯେଉଁଠି ଭାଗବତ ଖଣ୍ଡିଏ ନଥିବ । ଠିକ୍ ଯେମିତି ଦେବତାଙ୍କୁ ମର ?ୟାଦା ଓ ସମ୍ମାନ ତଥା ଭକ୍ତି କରାଯାଏ ସେହିଭଳି ଭାଗବତକୁ ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା କରାଯିବା ପରେ ତାକୁ ପାଠ କରାଯାଏ ।

କୁହାଯାଏ ଜଗନ୍ନାଥ ଦାସ ଗୋସ୍ୱାମୀ ବଟ ଗଣେଶଙ୍କ ନିକଟରେ ବସି ସଂସ୍କୃତ ଭାଗବତକୁ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ରଚନା କରିଥିଲେ । ଏହା ବାରଟି ଖଣ୍ଡରେ ଲେଖା ଯାଇଛି । ପ୍ରତି ଖଣ୍ଡରେ ୧୦ ରୁ ୩୦ଟି ଅଧ୍ୟାୟ ରହିଛି । ପ୍ରତି ଅଧ୍ୟାୟରେ ରହିଛି ୫୦ରୁ ୩୦୦ ଛନ୍ଦ । ଜଗନ୍ନାଥ ଦାସଙ୍କୁ ଶ୍ରୀ ଚୈତନ୍ୟ ଦେବ ଅତିବଡ଼ୀ ଉପାଧି ଦେଇଥିଲେ । ଭାଗବତ ପାଠ ଓ ଅନ୍ୟ ପୁରାଣ ଶାସ୍ତ୍ର ଚର୍ଚ୍ଚା ଲୋକଙ୍କର ଚେତନାର ବିକାଶ କରିବା ଜୀବନକୁ ଆନନ୍ଦ ଓ ଶକ୍ତିରେ ଅତିବାହିତ କରିବାର ଅନେକ ବାଟ ବତାଇଥାଏ । ଅବଶ୍ୟ ଏବେ ଆଉ ସେଭଳି ସ୍ଥିତି ନାହିଁ । ଆଧୁନିକତା ନାମର ଆମେ ଆମ ନିଜତ୍ୱକୁ ଭୁଲି ଯାଉଛେ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ପଠନ ଓ ଶ୍ରବଣ କରିବା ଉଚିତ୍ ଆଉ ଖାଲି ଭାଗବତ ଶୁଣିଲେ କି ପଢିଲେ ହେବ ନାହିଁ, ଏହାକୁ ନିଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗ କଲେ ଏ ଦୁନିଆ ବଦଳିଯିବ ଓ ବର୍ତ୍ତମାନର ଅଶାନ୍ତିକର ପରିବେଶ ଆଉ ରହିବ ନାହିଁ ।

ସଂସ୍କୃତ ଭାଗବତ ସଂସ୍କୃତ ଭାଷାରେ ରଚିତ ଏକ ହିନ୍ଦୁ ଧର୍ମର ଗ୍ରନ୍ଥ । ଏହା ବ୍ୟାସଦେବଙ୍କଦ୍ୱାରା ରଚିତ । ଭାଦ୍ରପୂର୍ଣ୍ଣିମା ବା ଇନ୍ଦୁପୂର୍ଣ୍ଣିମା ତିଥିରେ ସଂସ୍କୃତ ଭାଗବତ ଆରମ୍ଭ ହୋଇଥିବାରୁ ଏହି ତିଥି ଭାଗବତ ଜନ୍ମ ରୂପେ ପାଳିତ ହୋଇଆସୁଛି । ଭାଦ୍ରବ ମାସ ପୂର୍ଣ୍ଣିମା ତିଥି ଏକ ମହତ୍ତ୍ୱପୂର୍ଣ୍ଣ ତିଥି । ଏହି ଦିନଟିକୁ ଭାଗବତ ଜନ୍ମଦିନ ରୂପେ ପାଳନ କରାଯାଏ । ଏହି ଦିନ ଜଗନ୍ନାଥ ଦାସ ଭାଗବତ ଲେଖିବା ଆରମ୍ଭ କରିଥିବା ମଧ୍ୟ କଥିତ ଅଛି । ଭାଗବତର ଆଧ୍ୟାତ୍ମିକ ଦିଗଟି ଯେତିକି ଗୁରୁତ୍ୱପୂର୍ଣ୍ଣ ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ଓଡ଼ିଆ ଭାଷାର ପ୍ରସାର, ଏକତା ଏବଂ ସଂସ୍କୃତିର ରକ୍ଷା । ସେଥିପାଇଁ ପୂର୍ବ କାଳରେ ପ୍ରତି ଗାଁରେ ରହିଥିଲା ଭାଗବତ ଟୁଙ୍ଗୀ । ପ୍ରତି ସନ୍ଧ୍ୟାରେ ଏହି ଟୁଙ୍ଗୀରେ ଭାଗବତ ପାଠ ହେଉଥିଲା । ଗାଁର ସମସ୍ତ ନରନାରୀ ଏକାଠି ବସି ପଣ୍ଡିତଙ୍କ ଠାରୁ ଭାଗବତ ପାଠ ଶୁଣୁଥିଲେ । ଅନେକ ନୈତିକ ମୂଲ୍ୟବୋଧ ଏବଂ ଦୈନନ୍ଦିନ ଜୀବନ ପାଇଁ ଆବଶ୍ୟକ ଅନେକ କଥା ଏଥିରେ ବର୍ଣ୍ଣନା କରାଯାଇଛି । ତେଣୁ ଓଡ଼ିଆ ଜାତିର ରକ୍ତରେ, ଚଳଣିରେ ସାମିଲ ହୋଇଯାଇଥିଲା ଭାଗବତ । କଥିତ ଅଛି, ଏହି ଦିନ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଜଗନ୍ନାଥ ଦାସ ଭାଗବତ ଲେଖିବା ଆରମ୍ଭ କରିଥିଲେ । ସେ ମୃତ୍ୟୁ ଶଯ୍ୟା ହେଉ ଅବା କୌଣସି ବିପଦ ଆପଦ ଭାଗବତ ପାଠ ଓଡ଼ିଆ ଜାତିର ଜୀବନ ଧାରାରେ ଏଭଳି ଭାବେ ସାମିଲ ହୋଇ ଯାଇଛି ।

ପୌରଣିକ କିମ୍ବଦନ୍ତୀ ଅନୁସାରେ ତଥା ସଂସ୍କୃତ ଭାଗବତର ଜନ୍ମ ସମ୍ପର୍କରେ ଏକ ପ୍ରାଚୀନ କାହାଣୀ ରହିଛି । କାହାଣୀର ପୃଷ୍ଠଭୂମି ଶ୍ରୀମଦ୍ ଭାଗବତ ମହାପୁରାଣର ମାହାତ୍ମ୍ୟ । ପୃଥିବୀର ହାଲଚାଲ ବୁଝିବା ପାଇଁ ଦିନେ ଦେବର୍ଷି ନାରଦଙ୍କର ମନ ବଳିଲା । ତେଣୁ ସେ ବୀଣାବାଦନ ସହ ନାରାୟଣ ନାମ ଉଚ୍ଚାରଣ ପୂର୍ବକ ଧରାବତରଣ କଲେ । ପୃଥିବୀ ପରିଭ୍ରମଣ କରୁଥିବାବେଳେ ଏକ ଅଦ୍ଭୁତ ଦୃଶ୍ୟ ତାଙ୍କ ଦୃଷ୍ଟି ପଥାରୂଢ଼ ହେଲା । ଜନୈକା ସୁନ୍ଦରୀ ତରୁଣୀର ଉଭୟ ପାର୍ଶ୍ୱରେ ଶାୟିତ ଦୁଇଜଣ ବୃଦ୍ଧ । ଅବସ୍ଥା ଜୀବନ୍ମୃତ । ତରୁଣୀ ଥିଲେ ରୋରୁଦ୍ୟମାନା । ଦେବର୍ଷି ଏହି ବିରଳ ଦୃଶ୍ୟର ଅର୍ଥ ହଠାତ୍ ବୁଝିପାରିଲେ ନାହିଁ । ତରୁଣୀର ନିକଟବର୍ତ୍ତୀ ହୋଇ ଜିଜ୍ଞାସା କଲେ- 'କାହିଁକି କାନ୍ଦୁଛ ? ଏ ବୃଦ୍ଧଦ୍ୱୟ କିଏ ? ତରୁଣୀ କହିଲେ - ମୁଁ ହେଉଛି 'ଭକ୍ତି' ଓ ମୋର ଏହି ପୁତ୍ରଦ୍ୱୟ ହେଉଛନ୍ତି 'ଜ୍ଞାନ ଓ ବୈରାଗ' । ମୁଁ ମାତା ହୋଇ ମଧ୍ୟ ତରୁଣୀ,

ବର୍ଷା

ପବିତ୍ର ବେହେରା
+ବାହାଲପୁର, ଗଞ୍ଜାମ
ଦୂରଭାଷ-୭୭୮୮୮୮୬୬୦୨

ଅତ୍ୟାଧିକ ମାତ୍ରାରେ ମୂଷଳ ଧାରାରେ ବର୍ଷା ହେଉଥାଏ। ଘର ଭିତରେ ଝରକା ପାଖରେ ବସି ବର୍ଷାକୁ ଦେଖି ବହୁତ ଖୁସି ଅନୁଭବ କରୁଥାଆନ୍ତି। ଝରକା କୋଣରୁ ଟିକିଏ ବାହାରକୁ ଦେଖିଲେ ଏକ ବଡ଼ ଶୂନ୍ୟ ପଥ ଦେଖାଯାଉଥାଏ। ବହୁ ଦୂର ଦୂରଦୂରାନ୍ତ ପର୍ଯ୍ୟନ୍ତ କେହି ମଧ୍ୟ ଦେଖା ଯାଉନଥାନ୍ତି ସେହି ପଥରେ।

ଝରକା କୋଣରେ ରହି ବାହାରକୁ ଦେଖିଲେ। ଦୁଇ ପାର୍ଶ୍ୱରେ ଥିବା ଦୁଇଟି ସୁନ୍ଦର କୃଷ୍ଣଚୂଡା ବୃକ୍ଷ ଦେଖା ଯାଉଥିଲା। ଯାହା ଲାଲ ରଙ୍ଗର ଫୁଲରେ ରଙ୍ଗାୟିତ ଲାଗୁଥିଲା। ଆଦିତ୍ୟ କୃଷ୍ଣଚୂଡା ଗଛକୁ ଦେଖି ଏମିତି ଭାବୁ ଥାଆନ୍ତି। ଯେମିତି ଏକ ରାଜଜେମା ଲାଲ ପରିଟି ସ୍ୱର୍ଗ ମାର୍ଗରୁ ଉହ୍ଲେଇ ଆସିଛି।

ସେହି ସନ୍ଧ୍ୟା ସମୟର ବର୍ଷା ଆଦିତ୍ୟ ବାବୁଙ୍କୁ ଏତେ ବିମୋହିତ କରିଥିଲା ଯେ ଆଦିତ୍ୟ ବାବୁଙ୍କ ଚତୁଃପାର୍ଶ୍ୱରେ ଯାହା କିଛି ଅଛି। ସମସ୍ତେ ବର୍ଷାର ଆଗମନ ରୂପରେ ବିମୋହିତ ହୋଇ ଖୁସିରେ ନାଚିବା ଆରମ୍ଭ କରିଦେଇଛନ୍ତି।

ଏମିତିକି ଘର ପାଖରେ ଥିବା ଦୁଇଟି ବିଜୁଳି ଖୁଣ୍ଟ ମଧ୍ୟ ବର୍ଷାରେ ନାଚିଲା ପରି ଅନୁଭୂତି ହେଉଥାଏ।

କିନ୍ତୁ ଏହି ସବୁ ଖୁସିର କାରଣ ଆଦିତ୍ୟ ବାବୁଙ୍କୁ ଜଣା ନଥିଲା। ଏତିକି ବେଳେ ହଠାତ୍ ଏକ ବିଜୁଳି ମାରିବା ହେତୁ ତାଙ୍କ ଭାବନା ସବୁ ଭାଙ୍ଗିଗଲା। ଆଦିତ୍ୟ ଭାବନାରୁ ଉହୁରି ଯାଇ ଭାବିଲେ ଏ ସବୁ କଣ ଘଟୁଛି । ମୋ ସହ ଏକ ନିର୍ଜିବ ବସ୍ତୁର ଖୁସି ଅବା କ'ଣ ହୋଇପାରେ। ମୋତେ କାହିଁକି ଏ ସବୁ ଖୁସି ଥିଲା। ଅନୁଭବ ହେଉଛି।

ସେହିଦିନ ପରଠାରୁ ଆଉ ଆକାଶ ବକ୍ଷରେ ବର୍ଷା ଦେଖା ଯାଉନଥିଲା । ଆଦିତ୍ୟ ବାବୁଙ୍କ ମନରୁ ଖୁସି ଧିରେଧିରେ ଦୂରେଇ ଯାଉଥିଲା। ବର୍ଷା ଅଭାବ କାରଣରୁ କୃଷକମାନେ ଏକାଠି ହୋଇ ଭଗବାନଙ୍କୁ ପ୍ରାର୍ଥନା କରିବା ଆରମ୍ଭ କରି ଦେଇଥିଲେ କିନ୍ତୁ ଏହାର କିଛି ଫଳ ମିଳିଲା ନାହିଁ। ଘନ ଅନ୍ଧକାର ନେଇ ବର୍ଷା ଆସୁଥିଲା ସତ କିନ୍ତୁ ଗୋଟିଏ ବୁନ୍ଦା ମଧ୍ୟ ଭୂମି ଉପରେ ପଡୁନଥିଲା।

''ଫୁଲ ଭଅଁରକୁ ଅପେକ୍ଷା କରିଲା ପରି'' ଭୂମାତା ରଜବତୀ ହୋଇ ଜଳ ବିନ୍ଦୁର ସ୍ପର୍ଶ ଆଶାରେ ହାଁ କରି ଆକାଶ ମାର୍ଗକୁ ଚାହିଁ ରହିଥିଲା। ବର୍ଷା ପ୍ରେମୀ ଆଦିତ୍ୟ ବାବୁ ମଧ୍ୟ ବହୁତ ଦିନ ହେବ ପହିଲି ବର୍ଷାର ଛିଟା ପାଇନଥିବାରୁ ବହୁତ ମନ ଦୁଃଖ ରହୁଥିଲେ ଏବଂ ଶ୍ରାବଣର ସେହି କଳାମେଘି ବର୍ଷାକୁ ଖୋଜି ବୁଲୁଥିଲେ।

କିଛି ଏମିତି ବିତିଗଲା .....

କିଛି ଦିନ ପରେ କଳାମେଘୀ ବର୍ଷା ଷୋଳଶୀ ଶାଢ଼ୀ ପିନ୍ଧି ଆକାଶରେ ଦେଖାଗଲା। ଏମିତି ଅନୁଭୂତି ହେଉଥାଏ। ସତେ ଯେମିତି କେହି ଜଣେ ନବୀନ ବୟସୀ ତରୁଣୀ ଧଳା ଶାଢ଼ୀ ପିନ୍ଧି ଆକାଶ ମାର୍ଗରେ ଭ୍ରମଣ କରୁଛି।

ଆଦିତ୍ୟ ବାବୁ ବହୁତ ଦିନ ପରେ ବର୍ଷାକୁ ଦେଖି । ତାଙ୍କ ଦେହରେ ଏକ ନୂତନ ଶିହଂରଣ ଖେଳିଗଲା। ବର୍ଷାର ଝିପ୍, ଝିପ୍ ଶବ୍ଦ ଏବଂ ମାଟିର ନୂତନ ମହକରେ ଆଦିତ୍ୟ ବାବୁଙ୍କ ମନ ଖୁସିରେ ଉତଫୁଲିତ ହୋଇ ଯାଉଥିଲା।

ସେହି ସମୟରେ ଆକାଶରୁ ଅତ୍ୟାଧିକ ମାତ୍ରାରେ ବର୍ଷା ବର୍ଷି ଯାଉଥାଏ। ଏହି ସବୁ ଦେଖି ଆଦିତ୍ୟ ବାବୁ ଖୁସି ହେଉଥିଲେ ଏବଂ କିଛି ସମୟ ପାଇଁ ରୋମାଣ୍ଟିକ ଭାବନାରେ ହଜିବାକୁ ଲାଗିଲେ।

ସେ ନିଜକୁ ଆଉ ନିଜ ଅଧିନରେ ରଖିପାରିଲେ ନାହିଁ। ନିଜ ଦେହରୁ ସାର୍ଟକୁ ଉହ୍ଲେଇ ବର୍ଷାରେ ଭିଜିବାକୁ ଲାଗିଲେ। ସତେକି ବର୍ଷାର ଛିଟା ? ?

ଏହି ଭାବନା ଆଦିତ୍ୟ ବାବୁଙ୍କ କଣ ହେବ। ଆଦିତ୍ୟ ବାବୁଙ୍କ ହୃଦୟ ମରୁଭୂମିରେ ଆଜି ପର୍ଯ୍ୟନ୍ତ କାହାର ପାଦ ଚିହ୍ନ ପଡିନି। ଯାହାର ଓଠରେ ପ୍ରୀତି ଭରା ଚୁମ୍ବନ ତୋ ଦୂରର କଥା ବର୍ଷା ଛିଟା ମଧ୍ୟ ପଡି ନାହିଁ।

ହଁ ଦୁଇ କଲେଜ ପଢ଼ିବା ସମୟରେ ଆଦିତ୍ୟ ବାବୁ ଅଞ୍ଜଳି ନାମକ ଝିଅ ସହ ସମ୍ପର୍କ ବାନ୍ଧିଥିଲେ କିନ୍ତୁ ସେ ପ୍ରେମ ଏକ ପାକ୍ଷିକ ଥିଲା। ଅଞ୍ଜଳି ଆଦିତ୍ୟ ବାବୁଙ୍କ ପ୍ରେମକୁ ତିଳେ ମଧ୍ୟ ଭଲ ପାଉନଥିଲେ। ଏହି ସବୁ ପଛ କଥା ଭାବି ଆଦିତ୍ୟ ବାବୁ ରୁମ୍ ଭିତରୁ ବାହାରକୁ ଆସିଲେ।

କଳାମେଖି ଗଭା ପରି ମଣ୍ଡିତ କରି ଆକାଶରେ ବର୍ଷା ନାଚି ନାଚି ନିଜର ନୃତ୍ୟକୁ ପ୍ରତିଫଳିତ କରୁଥାଏ। ସେ ନିଜକୁ ଆଉ ନିଜ ଅଧିନରେ ରଖି ପାରିଲା ନାହିଁ। ନିଜ ଦେହରୁ ଉହ୍ଲାଇ ବର୍ଷାରେ ଭିଜିବାକୁ ଲାଗିଲା

ସତେ କି ବର୍ଷାର ପହିଲି ଛିଟା। ଆଦିତ୍ୟ ବାବୁଙ୍କ ମରୁଭୂମି ରୂପକ ପ୍ରତିଭାର ସ୍ପର୍ଶ ଛୁଇଁ ଯାଉଛି। ବର୍ଷାର ସେହି ଝିପ ଝିପ ବର୍ଷା ପାଣି ସତେ କେହି ଜଣେ ଅପସରୀର ଭିଜା ମୁକୁଳା କେଶ ଦେହରେ ଛିଞ୍ଚି ଯାଉଛି।

ଶ୍ରାବଣର ସେହି ମନଲୋଭା ମନ୍ଥର ଗତି ଏବଂ ଚଞ୍ଚଳ ପଟାକ୍ଷ ପନ୍ତାରୀ ଏବଂ ଭିଜା ଭିଜା ମଳୟ ପବନ ଦେହରେ ଏକ ନବଯୌବନ ନାରୀର ସ୍ପର୍ଶ ପରି ଦେହରେ ମିଶି ଯାଉଥିଲା।

ବର୍ଷାର ସେହି ଅନ୍ଧକାର ରୂପକ କଳାମେଘ ସତେ ଯେମିତି ତାଙ୍କ ଆଖି ଆଗରେ ଫୁଲ ଏବଂ ଭଅଁର ଗଭୀର ଚୁମ୍ବନ ପରି ତାଙ୍କ ଓଠରେ ଚୁମିବାର ଅନୁଭୂତି ହେଉଥିଲା।

ସେହି ମୁହୂର୍ତ୍ତରେ କେହି ଜଣେ ଝିଅ ଜୋରସେ ହସୁଥିବାର ଶୁଣାଗଲା। ହଠାତ୍ ସେ ଶବ୍ଦରେ ପାଗଳ ହୋଇ ଖୋଜି ବୁଲିଲା ସେ ଦେଖିଲା ପାଖ ମହଲା ଛାତ ଉପରେ ଗୋଟିଏ ଝିଅ ବର୍ଷାରେ ନାଚୁଛି।

ଆଦିତ୍ୟ ବାବୁ ଲୁଚି ଲୁଚି ପାଖରେ ଥିବା କୃଷ୍ଣଚୂଡା ଗଛ ମୂଳରେ ରହି ଦେଖୁଥାଆନ୍ତି । ଭିଜା ଭିଜା ବର୍ଷାରେ ଦେହକୁ ଜାବୁଡି ଧଳା ଶାଢ଼ୀ ଏବଂ ଦେହର ରୂପ ବାହାରକୁ ପୁଷ୍ଟଟିତ ହୋଇ ଦେଖା ଯାଉଥାଏ। ବକ୍ଷ ଦେଶରୁ ତଳକୁ ଏବଂ ନାଭି ମଣ୍ଡଳ ର ଦୃଶ୍ୟ କହିବା ନ ସରେ ! ଆଦିତ୍ୟ ବାବୁ ଗୋଟିଏ ନଜରରେ ଏ ସବୁ ଦେଖି ଖୁସି ଅନୁଭବ କରୁଥାଆନ୍ତି ଏବଂ ମନେ ମନେ କହୁଥାଆନ୍ତି। ଆଃ କି ସୁନ୍ଦର ରୂପ ନବଯୌବନ।

କେଶ ତରଙ୍ଗିଣୀ, ମୁଖ ସୁରଙ୍ଗଣୀ
ତନୁ ମନ୍ଦାକିନୀ, ନାଭି କସ୍ତୁରୀ

ଏହି ପରି ଆଖ୍ୟା ଦେଇ ଗୋଟିଏ ନଜରରେ ଚାହିଁ ରହିଥାଆନ୍ତି। ଆଦିତ୍ୟ ବାବୁଙ୍କୁ ଏମିତି ଦିଶୁଥାଏ ଯେମିତି ଝିଅଟି ବର୍ଷାରେ ଭିଜୁ ନାହିଁ ଗୋଲାପ ଜଳରେ ଭିଜୁଛି। ଭିଜା ଭିଜା ଧଳା ଶାଢ଼ୀରେ ଯେମିତି ତନୁ ପାତଳୀ ସୁକୁମାରୀ ଅଙ୍ଗକୁ ଜାବୁଡି ଧରିଛି।

ଧିରେ ଧିରେ ମଳୟ ପବନ ଦୁଷ୍ଟାମୀ ହେବା ଆରମ୍ଭ କରିଦେଲାଣି। ପୂର୍ଣ୍ଣ କଳସୀ ଯୌବନ ଭରା ତନୁକୁ ଲୁଚେଇ ରଖିଥିବା ଧଳା ଶାଢ଼ୀକୁ ବାରମ୍ବାର ଦେହରୁ ଅଲଗା କରିଦେଉଥାଏ। ଏମିତି ଲାଗୁଥାଏ ନବଯୌବନ ରୂପ ଧଳା ଶାଢ଼ୀ ସହିତ ଲୁଚକାଳି ଖେଳୁଛି। ଦେହର ସମ୍ପୂର୍ଣ୍ଣ ଅଙ୍ଗ ଭିଜି ଯାଇଥିବାରୁ ଆଦିତ୍ୟ ବାବୁ ସେ ଝିଅର ସବୁ ଅଙ୍ଗ ଏବଂ ଆକାର ପ୍ରକାର ସ୍ପଷ୍ଟ ଭାବେ ଦେଖି ଥାଆନ୍ତି।

ଆଦିତ୍ୟ ବାବୁ ଦେଖୁ ଦେଖୁ ଜଳ ବିନ୍ଦୁ ଗୁଡିକ ତରୁଣୀଙ୍କର ନେତ୍ର ରୋମରେ କ୍ଷଣିକ ସମୟ ପାଇଁ ରହି ଅଧରକୁ ଆଘାତ କରି ସ୍ତନାଗ୍ରେ ପଡ଼ିବା ହେତୁ ଚୁର୍ଣ୍ଣ ବିଚୁର୍ଣ୍ଣ ହେଲା ଏବଂ ଉଦର ରେଖା ଗୁଡ଼ିକରେ ସୁସ୍ଖଲିତ ହୋଇ ବହୁ ବିଳମ୍ବରେ ନାଭି ଦେଶକୁ ପ୍ରବେଶ କରୁଥାଏ। ଏ ସବୁ ଦେଖି ଆଦିତ୍ୟ ବାବୁ ନିଜର ହିତାହିତ ଜ୍ଞାନ ଭୁଲି ସେ ଝିଅକୁ ନିଜର ଜୀବନ ସାଥୀ ଭାବେ ମନସ୍ଥ କରିନେଲା।

ଆଗରୁ କେବେ ଆଦିତ୍ୟ ବାବୁ ସେ ଝିଅକୁ ତାଙ୍କ ଅଞ୍ଚଳରେ ଦେଖିନଥିଲା କାରଣ ଆଦିତ୍ୟ ବାବୁ ଏପରି ଜଣେ ବ୍ୟକ୍ତିତ୍ୱ ଥିଲେ। ଯାହାଙ୍କ ଭାବନାରେ ଝିଅକୁ ଚାହିଁବା ଏକ ଅପରାଧ ଭାବେ ମନେ କରୁଥିଲେ।

ଆଦିତ୍ୟ ବାବୁଙ୍କ ସେହି ସମୟରେ ପାଖାପାଖି କୋଡ଼ିଏ ବର୍ଷ ହେବ। ସେ ପୂର୍ବରୁ କୌଣସି ଝିଅକୁ ଏହି ରୂପରେ ଦେଖିନଥିଲେ। ଝିଅଟି ଦେଖିବାକୁ ବେଶୀ ଚଞ୍ଚଳ ଏବଂ ସୁନ୍ଦର ଦେଖାଯାଉଥିଲା। ଦେହରେ ନବଯୌବନ ପ୍ରବେଶ କରିଥିବାରୁ ଚାହାଣୀ ଚଳଚଞ୍ଚଳ, ମନଲୋଭା ମନ୍ଥର ଗତି ଏବଂ ଚଞ୍ଚଳ ପଟାକ୍ଷ ପନ୍ତାରି । ଝିଅଟି ଦେଖିବାକୁ ଯେତିକି ସୁନ୍ଦର ତାହାଠାରୁ ତାର ଅଙ୍ଗ ଗୁଡ଼ିକ ବହୁତ ଆକର୍ଷଣୀୟ ଲାଗୁଥିଲା। ଏମିତି ଲାଗୁଥାଏ ବର୍ଷାରେ କେହି ଜଣେ ଜଳପରି ସ୍ନାନ କରୁଛି। କିଛି ସମୟ ପାଇଁ ଆଦିତ୍ୟ ବାବୁ ନୀରବ ରହିଲେ। ଏମିତି ଦୃଶ୍ୟ ପୂର୍ବରୁ କେବେ ଦେଖିନଥିଲେ। ପ୍ରଥମ ଥର ପାଇଁ ଏମିତି ଦୃଶ୍ୟ ଦେଖିବାରୁ ମନରେ କିଛି ଗୁଣୁଗୁଣୁ ହୋଇ କବିତା କହିବା ପାଇଁ ଲାଗିଲେ।

ମୃଗ ନୟନୀ, ଚନ୍ଦ୍ରବଦନୀ
ରୂପ ତୁମ ମଧୁମାଳତୀ ।
ଗୋଲାପ ଜଳରେ ସ୍ନାନ କରିଛି
ଠଳ ଠଳ ନବକଳେବର ରୂପ ।
ମୋଦହସୀ ତୁମ ଢଳ ଢଳ ନେତ୍ର
ବାନ୍ଧିଛି ମୋତେ ଗାରୁଡି ମନ୍ତ୍ରରେ।
ଗହମ ରଙ୍ଗର ଗୋରା ଦେହରେ
ଧଳା ରଙ୍ଗର ଶାଢ଼ୀ ଲୁଚକାଳି ଖେଳୁଛି।
ପଦ୍ମ ପତ୍ରରେ ଜଳବିନ୍ଦୁ ଟଳମଳ ପରି
ବକ୍ଷଦ୍ୱୟ ତୁମ ଚହଳି ଯାଉଛି ।
ଶଙ୍ଖ ମଲମଲ ଦେହରୁ ସତେକି
ଅମୃତ ଧାରା ବହି ଯାଉଛି ।

ଏମିତି କବିତା ଭାବି ଭାବି ସେ ଝିଅକୁ ଆଦିତ୍ୟ ବାବୁ ଗୋଟିଏ ନଜରରେ ଦେଖୁଥାଆନ୍ତି ଏବଂ ସେ ଝିଅ ସହ ପ୍ରେମ ସମ୍ପର୍କ ଆରମ୍ଭ କରି ଦେଇଥିଲେ।

ପ୍ରଥମେ ପ୍ରଥମେ ଆଦିତ୍ୟ ବାବୁ ଏହା ବହୁତ କଷ୍ଟ ଅନୁଭୂବ ହେଉଥିଲା କାରଣ ସେ ଝିଅ ପାଖରେ ପହଞ୍ଚିବା ଏତେ ସହଜ ମନେ ହେଉନଥିଲା। ଏ ସବୁ ପରେ ଆଦିତ୍ୟ ବାବୁ ନିଜ ମାଆ, ବାପାଙ୍କ ଭୟ ମଧ୍ୟ ମନରେ ଉଙ୍କି ମାରୁଥାଏ। ବହୁତ ଦିନ ପର୍ଯ୍ୟନ୍ତ ଏହି ସବୁ ଭାବାନକୁ ନେଇ ଆଦିତ୍ୟ ବାବୁ ଚିନ୍ତିତ ରହୁଥିଲେ।

ରାତି ଅନିଦ୍ରା ରହୁଥିଲେ ଏବଂ କୃଷ୍ଣଚୂଡ଼ା ଗଛ ମୂଳକୁ ଯାଇ ଲୁଚି ଲୁଚି ସେହି ଛାତ ଉପରକୁ ଦେଖି ରହୁଥିଲେ କିନ୍ତୁ ସେ ଝିଅ ଦେଖା ଯାଉନଥିଲା। ବହୁତ ସମୟ ସେ ଗଛ ମୂଳରେ ଆଦିତ୍ୟ ବାବୁ ଅପେକ୍ଷା କରୁଥିଲେ। ସେ ଦିନ ବର୍ଷାରେ ଦେଖିଥିବା ମୂହୁର୍ତ୍ତ ସବୁ ଆଖି ବନ୍ଦ କରି ନିଜ ମନରେ ଭାବିବା ଆରମ୍ଭ କରିଥିଲେ।

ବହୁତ ଦିନ ପରେ ଆଦିତ୍ୟ ବାବୁ ସେ ଝିଅକୁ ଦେଖିବାର ସୁଯୋଗ ପାଇଥିଲା। ଗୋଟିଏ ଦିନ ଆଦିତ୍ୟ ବାବୁ କିଛି କାମ ପାଇଁ ବାପାଙ୍କ କାର ଧରି ବାହାରକୁ ଯିବା ପାଇଁ ବାହାରି ଥିଲେ। ହଠାତ୍ ଝିପ ଝିପ ବର୍ଷା ବରଷିଲା। ଆଦିତ୍ୟ ବାବୁ କାର ଡୋର ବନ୍ଦ କରି ଗାଡ଼ି ଆରମ୍ଭ କଲେ। ସେହି ମୂହୁର୍ତ୍ତ କେହି ଜଣେ ଝିଅ ଆସି ଲିଫ୍ଟ ମିଳିବ କି। ଆଦିତ୍ୟ ବାବୁ ସେ ଝିଅଟି ଦେଖି ଖୁସି ହୋଇ ଗଲେ କାରଣ ସେ ଝିଅଟି ଥିଲା ସେଦିନ ବର୍ଷାରେ ଗାଧୋଉଥିବା ଝିଅଟି। ଝିଅଟି ଆସି ଆଦିତ୍ୟ ବାବୁଙ୍କ ପାଖ ସିଟ୍‌ରେ ବସିବାକୁ ଲାଗିଲା।

ଆଦିତ୍ୟ ବାବୁ ପ୍ରଥମେ ଥର ଥର ଧୀର ସ୍ୱରରେ କହିବାକୁ ଲାଗିଲେ ଆପଣଙ୍କୁ ମୁଁ ପୂର୍ବରୁ କେଉଁଠି ଦେଖିଛି।

ଆପଣ ମୋତେ ଦେଖିଛନ୍ତି କେଉଁଠି ହଁ ଆପଣ ସେ ଦିନ ସନ୍ଧ୍ୟାରେ ଛାତ ଉପରେ ଧଳା ଶାଢ଼ୀରେ ନାଚୁଥିଲେ। ହେ ଭଗବାନ ତୁମେ ମୋତେ ଦେଖୁଥିଲ ନା ଆଉ କିଛି ଭାବୁଥିଲ। ଆଦିତ୍ୟ ବାବୁ ନାଃ ନାଃ ଏମିତି ଖାଲି ଦେଖୁଥିଲି।

କିଛି ସମୟ ଅତିକ୍ରମ କଳା ପରେ ଆଦିତ୍ୟ ବାବୁ ପଚାରିଲେ। ଆପଣ କୁଆଡେ ଯିବେ କହିଲେଣି ଯେ ପ୍ରୀତିଭରା ସ୍ୱରରେ ଝିଅଟି କହିଲା ତୁମେ ଯୁଆଡେ ନେବ କହି। ଗୋଲାପ ଅଧରରେ ରଞ୍ଜିତ ଥିବା ଓଠରେ ଗାଲରେ ଗୋଟିଏ ମଧୁଭରା ଚୁମ୍ବନ ଦେଲା। ଯାହାର ଗାଢ଼ ଲାଲ୍ ରଙ୍ଗରେ ଆଦିତ୍ୟ ବାବୁଙ୍କ ଗାଲରେ ଲାଗେ ରହି ଯାଇଥାଏ। ଏମିତି କିଛି ପ୍ରୀତି ଭରା ଘଟଣା ଘଟି ଯାଇଥିଲା। କିଛି ସମୟ ଅତିକ୍ରମ କଳା ଶୂନଶାନ ରାସ୍ତା ପାଶ୍ୱର୍ରେ ଗୋଟିଏ ଘର ପାଖରେ ଗାଡ଼ି ରଖିବା ପାଇଁ ଝିଅଟି କହିଲା କିନ୍ତୁ ଏହି ଠାରେ କ'ଣ କରିବ ତୁମେ।

ହଁ ଏହା ମୋର ସବୁଦିନିଆ ଠିକଣା ମୁଁ ସବୁବେଳେ ସନ୍ଧ୍ୟାରେ ଏଠାକୁ ଆସେ ଏବଂ ସକାଳ ହେବା ପୂର୍ବରୁ ଚାଲିଯାଏ। ଏହା ଶୁଣି ଆଦିତ୍ୟ ବାବୁ ନିଃଶବ୍ଦ ହୋଇଗଲେ। କାରଣ ସେହି ଘରଟି ରଙ୍ଗିନ ପ୍ରଜାପତି ମାନଙ୍କ ଘରଥିଲା ଏବଂ ସେ ଝିଅ ଜଣେ ମଧ୍ୟ ରଙ୍ଗିନ ପ୍ରଜାପତି ଥିଲେ।

ଏହି ସବୁ ଜାଣିବା ପରେ ଆଦିତ୍ୟ ଗାଲରେ ଲାଗିଥିବା ସେହି ଲିପିଷ୍ଟିକ୍ ଧାରାକୁ ହାତରେ ଲିଭାଇ ଦୁଃଖରେ ଚାଲିଗଲେ ଏବଂ ବହୁତ ଦୁଃଖ ଅନୁଭବ କରିଥିଲେ।

ଆଜିକୁ ବହୁତ ଦିନ ବିତିଯାଇଥିଲେ ମଧ୍ୟ ଆଦିତ୍ୟ ବାବୁଙ୍କ ସେହି ଦିନର କଥା ବର୍ଷା ଦିନ ଆସିଲେ ମନେ ପଡିଯାଏ।

ଅବିନାଶୀ ଇଚ୍ଛା

ସୁଦର୍ଶନ ମହାପାତ୍ର



ନାନାଦି ଇଚ୍ଛା ପୂରଣ କରିବାର ଆବେଗ ଓ ଆସକ୍ତି ମନ ଭିତରେ ଆପେ ଆପେ ଜନ୍ମନିଏ। ସ୍ୱଳ୍ପ ରୋଜଗାର କରୁଥିବା ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀ ଟିଏ ମୁଁ। ଅଳପ ସମ୍ବଳ ଭିତରେ ଅସୁମାରୀ ଇଚ୍ଛା ଗୁଡାକୁ ପୂରଣ କରିବାକୁ ଚେଷ୍ଟା କରି ବ୍ୟର୍ଥ ହୁଏ। ସେଥିପାଇଁ କେବେ କେବେ ମନସ୍ତାପରେ ସମୟ କଟେ। ବେଳେବେଳେ ପୁଣି ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେସବୁକୁ ପ୍ରାଥମିକତା ଦେବାକୁ ହୁଏ । ସେତେବେଳେ ଆଗ ଧାଡିରେ ଥିବା ଇଚ୍ଛାମାନେ ବହୁ ପଛରେ ପଡି ଯାଆନ୍ତି। ଆଜିକାଲି ନିଜ ପାଇଁ କିଛି ଭାବିବା ପୂର୍ବରୁ ପରିବାର ଏବଂ ଆତ୍ମୀୟ ସ୍ୱଜନ ମାନଙ୍କର ଆବଶ୍ୟକତା ବିଷୟରେ ହଜାର ଥର ଚିନ୍ତା କରିବାକୁ ପଡୁଛି। ବୟସ ବଢିବା ସଙ୍ଗେ ସଙ୍ଗେ ଏ ସବୁ ପ୍ରାୟ ଦେହସୁହା ହୋଇ ଗଲାଣି।

ମନେପଡେ ବାପାଙ୍କ କଥା। ଖୁବ୍ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ବାପା, ପିଲାଦିନରୁ ବାପା ମାଆଙ୍କୁ ହରାଇ ବିଧବା ପିଉସୀଙ୍କ ଦ୍ୱାରା ପାଳିତ ହୋଇ ମଣିଷ ହୋଇଥିଲେ। ଅନେକ ସଂଘର୍ଷ ପରେ ବହୁ କଷ୍ଟରେ କଲିକତାରେ ଗୋଟିଏ କମ୍ପାନୀରେ ଚାକିରୀ ଯୋଗାଡ କରି ପାରିଥିଲେ। ସେଇ ଚାକିରୀକୁ ପାଥେୟ କରି କୌଣସି ମତେ ଦୟନୀୟ ଅବସ୍ଥାରୁ ଉଠି ନିମ୍ନ ମଧ୍ୟବିତ୍ତ ସ୍ତରକୁ ଉନ୍ନୀତ କରାଇ ପାରିଥିଲେ ନିଜକୁ। ସାରା ଜୀବନ କାଳ ସ୍ୱଳ୍ପ ରୋଜଗାର ପଇସାରେ ଆମକୁ ଯଥା ସମ୍ଭବ ଶିକ୍ଷିତ କରାଇଥିଲେ । ଗାଆଁରେ ଛୋଟ କୋଠାଘରଟିଏ ବି ଗଢିଥିଲେ ଫି ବର୍ଷ ଦାଉ ସାଧୁଥିବା ବନ୍ୟା ବାତ୍ୟା ଦାଉରୁ ପରିବାରକୁ ରକ୍ଷା କରିବାକୁ। ଘର ପାଇଁ ଯାବତୀୟ ଉପକରଣ ସବୁ ସଂଗ୍ରହ କରି କଲିକତାରୁ ବସରେ ଲଦି ଆଣି ପହଞ୍ଚାଉ ଥିଲେ ଘରେ। ଏମିତି ଏମିତି ସରି ଯାଇଥିଲା ତାଙ୍କ ଚାକିରୀ ଜୀବନ।

ମୁଁ ଜାଗା ଖଣ୍ଡେ କିଣିବି ବୋଲି ଯେଉଁଦିନ କହିଲି, ଖୁସିରେ ଯେମିତି କୁରୁଳି ଉଠିଲେ ବାପା। ତାଙ୍କ ଚିହ୍ନା ପରିଚିତ ଅବା ଗାଆଁ ଲୋକମାନଙ୍କୁ ଏ ବିଷୟରେ ଖୁସିରେ କହି ବୁଲୁଥିଲେ ଅଯାଚିତ ଭାବେ। 'ତୁମେମାନେ ଆହୁରି ଉନ୍ନତି କର' ଥିଲା ବାପାଙ୍କର ପ୍ରେରଣାଦାୟୀ କିଛି ଶବ୍ଦ। ଥରେ ଏମିତି କୌତୁହଳ ବଶତଃ କାର୍ କେତେ ଟଙ୍କା ପଡୁଛି ବୋଲି ପଚାରି ବସିଲେ ବାପା। ହୁଏତ ବାପାଙ୍କର ଇଚ୍ଛା ଥିବ ପିଲାମାନଙ୍କ ଭିତରୁ କେହି ଜଣେ କାର କିଣୁ ବୋଲି। ମୁଁ ଯେ ମାତ୍ର ଦୁଇ ଲକ୍ଷ ଟଙ୍କାରେ ସଦର କଟକରେ (କଟକ ସହରଠୁ ଦୂରରେ) ପାଣି ଦଳ ଭର୍ତ୍ତି ଏକ ଜଳଜମି କିଣିଛି, ଏକଥା ଶୁଣି ମଧ୍ୟ ବାପାଙ୍କ ଖୁସିରେ କିଛି ଫରକ୍ ପଡ଼ିନଥିଲା। ଘର କାମ ଆରମ୍ଭ ହେଲା ତ ବାପା ଫୋନ୍ କରି ପଚାରି ବସନ୍ତି ଘର ବିଷୟରେ ସବୁଦିନ। ମୁଁ ଗାଆଁକୁ ଗଲେ କେତେ ଲୋକ ପଚାରି ବୁଝନ୍ତି ଜାଗା ବିଷୟରେ, ଘର ବିଷୟରେ। ମୁଁ ଯଥା ସମ୍ଭବ ମାପିଚୁପି କଥା ହୁଏ ସେମାନଙ୍କ ସହିତ।

ବ୍ୟାଙ୍କ୍ କିସ୍ତି ଆକାରରେ ଟଙ୍କା ଉଧାର ଦେଉଥିବାରୁ ଘର କାମ ସରିପାରୁ ନଥାଏ। ବାପାଙ୍କ ଦେହ ଖରାପ ହେଲା ଏହି ସମୟ ମଧ୍ୟରେ। ଥରେ କଟକରେ ଡାକ୍ତର ଦେଖାଇ ସାରି ମୋ ପାଖରେ ରହିବାକୁ ଯେତେ ଅନୁରୋଧ କଲେ ବି ବାପା ରହି ନଥିଲେ। 'ଦେଖ୍ ଶୁଭ, ମୁଁ ତୋ ଭଡାଘରେ ରହିବି ନାହିଁ। ଜୀବନ ସାରା ତ କଲିକତାରେ ଖପରୁଲି ଛାତ ଥିବା ଭଡାଘରେ କଟାଇଲି, ଆଉ ନୁହେଁ। ତୋ ଘରକାମ ସରୁ, ମୁଁ ଆସି ରହିବି।' ହେଲେ ବିଧିର ବିଧାନ ଥିଲା ବିଚିତ୍ର। ବାପାଙ୍କର ଇଚ୍ଛା ଆଉ ପୂରଣ ହୋଇ ପାରିଲା ନାହିଁ। ବାପା ଚାଲିଗଲେ ପରଲୋକକୁ।

ପତ୍ନୀଙ୍କ ଡାକରେ ମୁଁ ପ୍ରକୃତିସ୍ଥ ହେଲି।- 'କ'ଣ ହୋଇଛି ? ଏତେ ଅନ୍ୟମନସ୍କ ହୋଇ ବସିଛ ଯେ ? ଅଫିସରେ ତୁମକୁ ମିଠା ପ୍ୟାକେଟ କିଏ ଦେଇଥିଲେ କି ? 'ମୋ ହାତକୁ ଚା' କପ୍ ବଢେଇ ଦେଇ ପଚାରିଲେ ପତ୍ନୀ।

-'ମୋ ପିଲାଦିନର ସାଙ୍ଗ ନିହାର କାରଟିଏ କିଣିଛି। ସେଇ ଖୁସିରେ ଏ ମିଠା ପ୍ୟାକେଟ ଦେଇ ଯାଇଛି।'

-'ବୁଝିଗଲି ସବୁକଥା। ତାଙ୍କ ପତ୍ନୀ ସୁରମା ମଧ୍ୟ ଫେସବୁକରେ କାର ସହ ସେମାନଙ୍କ ଫଟୋ ଅପଲୋଡ଼ କରିଛି।'

ପତ୍ନୀଙ୍କ କଥାରେ ମୁଁ ଆହୁରି ଜଡସଡ ହୋଇଗଲି। ସେ ବୋଧହୁଏ ସବୁକିଛି ଅନୁମାନ କରିନେଲେ। 'ଘର ଲୋନ୍ ତ ସୁଝିଗଲା ଗତ ମାସରେ। ଚାଲୁନ କିଛି ଟଙ୍କା ଜମା ଦେଇ ପୁଣି ଥରେ ଲୋନ ଆପ୍ଲାଏ କରି କାରଟିଏ କିଣିଦେ

ବିଧାନସଭା ଡାଏରୀ ଓ କ୍ୟାଲେଣ୍ଡର ମୁଦ୍ରଣ ପାଇଁ ବୈଠକ

ଭୁବନେଶ୍ୱର,୧୯/୯ (ନି.ପ୍ର): ଓଡ଼ିଶା ବିଧାନସଭାର ସଭ୍ୟ, ସରକାରୀ ପଦାଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ବଂଟନ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ବିଧାନସଭାର ଡାଏରୀ ଏବଂ କ୍ୟାଲେଣ୍ଡର ମୁଦ୍ରଣ ପାଇଁ ଏକ ବୈଠକ ଶନିବାର ବାଚସ୍ପତିଙ୍କ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସୁଦୃଶ୍ୟ ଡାଏରୀ ଏବଂ କ୍ୟାଲେଣ୍ଡର ମୁଦ୍ରଣ ପାଇଁ ନିଷ୍ପତି ନିଆଯାଇଛି । ଓଡ଼ିଶା ସରକାରୀ ପ୍ରେସ ଆନୁକୂଲ୍ୟରେ ମୁଦ୍ରିତ ହେବାକୁଥିବା ବିଧାନସଭା କ୍ୟାଲେଣ୍ଡରରେ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଫଟୋ ଚିତ୍ର ସ୍ଥାନିତ କରିବାକୁ ନିଷ୍ପତି ନିଆଯାଇଛି । ସେହିଭଳି ବିଧାନସଭା ଡାଏରୀରେ ବିଧାନସଭା ସମ୍ପର୍କିତ ଅନେକ ତଥ୍ୟ ସହ ବିଭିନ୍ନ ଆବଶ୍ୟକୀୟ ସରକାରୀ ତଥ୍ୟ ଉପଲବ୍ଧ ରହିବ । ନଭେମ୍ବର ମାସ ଶେଷ ସୁଦ୍ଧା ଏହି କ୍ୟାଲେଣ୍ଡର ଏବଂ ଡାଏରୀ ସରକାରୀ ପ୍ରେସ୍ ଦ୍ୱାରା ମୁଦ୍ରିତ ହୋଇ ବିଧାନସଭାକୁ ପ୍ରେରଣ କରାଯିବ । ବିଧାନସଭା କର୍ତ୍ତୃପକ୍ଷ ପାର୍ଲ୍ୟାମେଂଟ, ସମସ୍ତ ରାଜ୍ୟ ବିଧାନସଭା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ଏହା ପ୍ରରଣ କରିବେ । ଉକ୍ତ ବୈଠକରେ ବାଣିଜ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଧନ ପାଢୀ, ଓଡ଼ିଶା ସରକାରୀ ପ୍ରେସ୍ ନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଖୋର୍ଦ୍ଧାରେ ସଂକ୍ରମଣ ପୁଣି ଉପରମୁହାଁ : ଜିଲ୍ଲାରେ ଦୈନିକ ସଂକ୍ରମଣ ପୁଣି ୩ଶହ ଡେଇଁଲା

ଭୁବନେଶ୍ୱର ,୧୯/୯ (ନି.ପ୍ର): ୪ ଦିନ ଧରି ଖୋର୍ଧା ଜିଲ୍ଲାରେ ଦୌନିକ ସଂକ୍ରମଣ ଉପରମୁହାଁ ରହିଛି । ଗତ ୧୩ ତାରିଖରେ ୨ଶହ ତଳକୁ ଖସି ଆସିଥିବା ସଂକ୍ରମଣ ଏବେ ପୁଣିଥରେ ୩ଶହ ପାର୍ କରିଛି । ଗତ ୨୪ଘଣ୍ଟାରେ ଜିଲ୍ଲାରେ ୩୨୩ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି, ଯାହାକି ରାଜ୍ୟର ସମୁଦାୟ ସଂକ୍ରମଣର ପ୍ରାୟ ଅଧା । ରାଜ୍ୟର ଅନ୍ୟ ଜିଲ୍ଲାରେ ସଂକ୍ରମଣ ସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବା ବେଳେ ଖୋର୍ଧାରେ ଏବେ ବି ସଂକ୍ରମଣ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସୁନାହିଁ । ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି ଯେ ରାଜ୍ୟରେ ଏବେ ସଂକ୍ରମଣ ସ୍ଥିର ରହିଛି । ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ଓ ହସ୍ପିଟାଲରେ ଭର୍ତ୍ତି ହେଉଥିବା ରୋଗୀଙ୍କ ସଂଖ୍ୟା କମିଛି । ରାଜ୍ୟର ଅନ୍ୟ ସ୍ଥାନ ଅପେକ୍ଷା ଭୁବନେଶ୍ୱର ଓ କଟକରେ ସଂକ୍ରମଣ ଅଧିକ ରହୁଛି । ଯେହେତୁ ରାଜ୍ୟର ସବୁ ବଡ଼ ହସ୍ପିଟାଲ ଏହି ଦୁଇ ସ୍ଥାନରେ ରହିଛି, ତେଣୁ ରୋଗୀଙ୍କ ସଂଖ୍ୟା ଅଧିକ ରହୁଥିବା ଦେଖାଯାଉଛି । ଏବେ ସବୁ ହସ୍ପିଟାଲରେ ଆରଟି-ପିସିଆରର ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି । ଆସନ୍ତା ୩ ମାସ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ସମସ୍ତଙ୍କୁ ସଚେତନ ରହିବାକୁ ପଡ଼ିବ ବୋଲି ଡା. ମିଶ୍ର କହିଛନ୍ତି । ରାଜ୍ୟରେ ଏବେ ବି ୫ଶହ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏଥିରୁ ୧୫୪ଜଣ ସାଧାରଣ ଶଯ୍ୟା, ୩୪୬ଜଣ ଆଇସିୟୁ/ଏଚ୍‌ଡିୟୁ ଓ ୭୬ଜଣ ଆଇସିୟୁ ଭେଣ୍ଟିଲେଟରରେ ଚିକିତ୍ସିତ ହେଉଛନ୍ତି । ସେହିପରି ୧୮ବର୍ଷରୁ କମ୍ ପିଲାଙ୍କ କ୍ଷେତ୍ରରେ ୨୬ଜଣ ହସ୍ପିଟାଲରେ ଅଛନ୍ତି । ମାତ୍ର ଚିକିତ୍ସାଧୀନ ରୋଗୀଙ୍କ ୯୦ପ୍ରତିଶତ ଅର୍ଥାତ୍ ୪୬୮୭ଜଣ ଗୃହ ପୃଥକବାସରେ ରହିଛନ୍ତି । ୨୦ଜଣ ସାଧାରଣ ଶଯ୍ୟାରେ ଥିବା ବେଳେ ୬ଜଣ ଆଇସିୟୁ/ଏଚ୍‌ଡିୟୁରେ ରହିଛନ୍ତି । ୫୧ଜଣ ଗୃହ ପୃଥକାବାସରେ ରହି ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ବିଭାଗରୁ ଜଣାପଡ଼ିଛି । ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୯୫ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି । ଖୋର୍ଧାକୁ ବାଦ୍ ଦେଲେ କଟକ ୯୦, ଯାଜପୁର ୩୯, ବାଲେଶ୍ୱର ୩୦, ଜଗତସିଂହପୁର ୨୫, ମୟୂରଭଞ୍ଜ ୧୮, ଭଦ୍ରକ ୧୩ ଓ ଷ୍ଟେଟ୍ ପୁଲରୁ ୭୬ଜଣଙ୍କୁ ଚିହ୍ନଟ କରାଯାଇଛି । ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୧୯ହଜାର ୬୨୧କୁ ବୃଦ୍ଧି ପାଇଛି । ରାଜ୍ୟରେ ଆଉ ୬ଜଣ କରୋନାରେ ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ କଟକ, ଜଗତସିଂହପୁର, ଯାଜପୁର, ଖୋର୍ଧା, କୋରାପୁଟ ଓ ମୟୂରଭଞ୍ଜରୁ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ମୋଟ କରୋନା ମୃତ୍ୟୁ ସଂଖ୍ୟା ୮୧୨୮କୁ ବୃଦ୍ଧି ପାଇଛି । ଆଉ ୭୫୬ କୋଭିଡ୍ ରୋଗୀ ଆଜି ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଫଳରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୫୧୨୦କୁ ଖସି ଆସିଛି ।

ଭାରତ ବନ୍ଦ ଡାକରାକୁ ସିପିଆଇ (ଏମ୍-ଏଲ୍)ଲିବରେସନର ସମର୍ଥନ

ଭୁବନେଶ୍ୱର,୧୯/୯ (ନି.ପ୍ର): ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସେପଟେମ୍ବର ୨୭ରେ ଭାରତ ବନ୍ଦ ଡାକରା ଦିଆଯାଇଥିବାବେଳେ ଏହାକୁ ସିପିଆଇ(ଏମ୍-ଏଲ୍) ଲିବରେସନ, ଓଡ଼ିଶା ରାଜ୍ୟ କମିଟି ପୂର୍ଣ୍ଣ ସମର୍ଥନ କରିଛି । ଦଳ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ରର ତିନି କଳା କୃଷି ଆଇନ୍ , ବିଜୁଳି ବିଲ୍-୨୦୨୦, ଚାରି ଶ୍ରମକୋଡ୍ ବାତିଲ୍, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟର ଗ୍ୟାରେଣ୍ଟି ଦାବି, ଦେଶର ସମସ୍ତ ସମ୍ପତ୍ତିକୁ ରାଷ୍ଟ୍ରାୟତ୍ତ କମ୍ପାନିକୁ ଟେକି ଦେବା, ଶିକ୍ଷା ଓ ସ୍ୱାସ୍ଥ୍ୟରେ ଘରୋଇକରଣ କରିବା ପ୍ରତିବାଦରେ ଭାରତ ବନ୍ଦ ଡାକରା ଦିଆଯାଇଛି । ଦରଦାମ୍ ବୃଦ୍ଧି ଓ ବେକାରୀ ସମସ୍ୟା ସଙ୍ଗିନ୍ ହେବାରେ ଲାଗିଛି । ସୁପ୍ରିମକୋର୍ଟ ନେତୃତାଧୀନ ଚୟନ କମିଟି ଦ୍ୱାରା ଟ୍ରିବୁନାଲ ସଦସ୍ୟ ଓ ବିଭିନ୍ନ କୋର୍ଟର ବିଚାରପତି ନିଯୁକ୍ତି ମଧ୍ୟ କେନ୍ଦ୍ରର ମନମାନିରେ ଚାଲିଛି । ଏହା ଗଣତନ୍ତ୍ର ପ୍ରତି ଶକ୍ତ ଧକ୍କା । ଏହି ଭୟଙ୍କର ପରିସ୍ଥିତିରେ ବିଜେପି, ଆରଏସ୍‌ଏସ୍‌ର ସୌରତନ୍ତ୍ର ବିରୁଦ୍ଧରେ ଦେଶକୁ ରକ୍ଷା କରିବା ଆଜି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ସିପିଆଇ(ଏମ୍-ଏଲ୍) ଲିବରେସନ, ଓଡ଼ିଶା ରାଜ୍ୟ କମିଟି ସମସ୍ତ ବାମପନ୍ଥୀ ଗଣତାନ୍ତ୍ରିକ ଶକ୍ତି ସହ ସମ୍ମିଳିତ ଭାବେ ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦେଉଛି ବୋଲି ଦଳର ରାଜ୍ୟ ସଂପାଦକ ଯୁଧିଷ୍ଠିର ମହାପାତ୍ର କହିଛନ୍ତି ।

ପୁରୀରେ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରସ୍ତାବ ସରକାରଙ୍କ ନିର୍ବାଚନୀ ଚାଲ : କଂଗ୍ରେସ

ଭୁବନେଶ୍ୱର,୧୯/୯ (ନି.ପ୍ର): ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଆନ୍ତର୍ଜାତୀୟ ବିମାନ ବନ୍ଦର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଦେଇଥିବା ଚିଠି କେବଳ ପିପିଲି ଉପନିର୍ବାଚନକୁ ଆଖି ଆଗରେ ରଖି ସମଗ୍ର ପୁରୀ ଜିଲ୍ଲାବାସୀଙ୍କୁ ବିଜେଡ଼ି ଭୁତେଇବା ପାଇଁ ପ୍ରୟାସ ବୋଲି କଂଗ୍ରେସ ଅଭିଯୋଗ କରିଛି । କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି ଯେ କେନ୍ଦ୍ର ବେସସାମରିକ ବିମାନ ଚଳାଚଳ ବିଭାଗ ଗ୍ରୀନ୍‌ଫିଲଡ୍ ଏୟାରପୋର୍ଟ ପଲିସ୍‌କୁ ପାଥେୟ କରି ଭୁବନେଶ୍ୱର ନିକଟରେ ଗ୍ରୀନ୍‌ଫିଲଡ୍ ଏୟାରପୋର୍ଟ ପାଇଁ ରାଜ୍ୟ ସରାକରଙ୍କ ଠାରୁ ପ୍ରସ୍ତାବ ମାଗିଥିଲେ । ରାଜ୍ୟ ସରକାର ଭୁବନେଶ୍ୱରରେ ଯେଉଁ ତିନୋଟି ସ୍ଥାନ ଆନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ଦେଇଥିଲେ ତାହା ଫିଜିବିଲିଟ୍ ନହେବାରୁ ଚତୁର୍ଥ ପ୍ରସ୍ତାବ ଦେବାପାଇଁ ବେସାମରିକ ବିମାନ ଚଳାଚଳ ବିଭାଗ ରାଜ୍ୟ ସରକାରଙ୍କୁ କହିଥିଲେ । ରାଜ୍ୟ ସରକାର ଭୁବନେଶ୍ୱର ନିକଟରେ ଚତୁର୍ଥ ପ୍ରସ୍ତାବ ନଦେଇ ୧୯.୪.୨୦୨୧ ରେ ପୁରୀରେ ଗ୍ରୀନଫିଲଡ୍ ଏୟାରପୋର୍ଟ ପାଇଁ ବେସାମରିକ ବିମାନ ଚଳାଚଳ ବିଭାଗକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଗତ ୨୭ ମେ ୨୦୧୪ ତାରିଖରେ ରାଜ୍ୟ ସରକାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ତାର ପାଶ୍ୱର୍ବର୍ତ୍ତି ଅଂଚଳକୁ ନୋଫ୍ଲାଇଜିଂ ଜୋନ କରିବାପାଇଁ ଡାଇରେକ୍ଟର ଜେନେରାଲ ଅଫ ସିଭିଲ୍ ଆଭିଏସନକୁ ଚିଠି ଲେଖିଥିଲେ । ଯାହାକୁ ଡିଜିସିଏ ଅଗ୍ରାହ କରିଦେଇଥିଲେ । ଏଠି ପ୍ରଶ୍ନ ଆସୁଛି ଯେଉଁ ରାଜ୍ୟ ସରକାର ଠିକ ୫ବର୍ଷ ତଳେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ତାର ପାଶ୍ୱର୍ବର୍ତ୍ତି ଅଂଚଳକୁ ନୋଫ୍ଲାଇନିଂଜୋନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବେ ସେହି ଅଂଚଳରେ ଏକ ଆନ୍ତର୍ଜାତୀକ ବିମାନ ବନ୍ଦର ପାଇଁ ପ୍ରସ୍ତାବ ଦେବା କେବଳ ମାତ୍ର ପିପିଲି ଉପନିର୍ବାଚନକୁ ଆଖି ଆଗରେ ରଖି ପିପିଲି ତଥା ପୁରୀ ଜିଲ୍ଲାବାସୀଙ୍କୁ ଭ୍ରମିତ କରିବା ଛଡ଼ା ଆଉ କିଛି ନୁହେଁ । ସେ ଆହୁରି ମଧ୍ୟ କହିଛନ୍ତି ଭୁବନେଶ୍ୱର ବିମାନ ବନ୍ଦର ଠାରୁ ପୁରୀର ଆକାଶ ମାର୍ଗରେ ଦୁରତା ମାତ୍ର ୪୯ କିଲୋମିଟର ଏବଂ ୪୯ କିଲୋମିଟର ମଧ୍ୟରେ ଦୁଇଟି ବିମାନ ବନ୍ଦର ଯାହା ଏୟାରପୋର୍ଟ ଅଥରଟି ଅଫ ଇଣ୍ଡିଆର ଗାଇଡଲାଇନ ବାହାରେ । ସେହିପରି ପିପିଲିର ପୂର୍ବତନ ବିଧାୟକ ବିପିନ ଦାସ କହିଥିଲେ ପିପିଲିରେ ଯାହା ବିକାଶ ହୋଇଛି କଂଗ୍ରେସ ସରକାର ସମୟରେ ହିଁ ହୋଇଛି ଏବଂ ବ୍ୟକ୍ତିଗତ ଭାବରେ ମୁଁ ଏହାର ମୁକସାଖୀ । ସ୍ୱର୍ଗୀୟ ପୂର୍ବତନ ବିଧାୟକ କେବଳ ପିପିଲିରେ ଅରାଜକତା ହିଁ ସୃଷ୍ଟି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟ ସୁନ୍ଦର ଦାସ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ସେବା ଓ ସମର୍ପଣ ଅଭିଯାନର ଦ୍ୱିତୀୟ ଦିବସରେ ବିଜେପିର ରାଜ୍ୟବ୍ୟାପୀ ବୃକ୍ଷରୋପଣ

ଭୁବନେଶ୍ୱର,୧୯/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମଦିନ ଅବସରରେ ସେବା ଓ ସମର୍ପଣ ଅଭିଯାନର ଦ୍ୱିତୀୟ ଦିବସରେ ସାରା ଓଡିଶାରେ ଭାରତୀୟ ଜନତାପାର୍ଟିର କର୍ମକର୍ତାମାନେ ୩୭ ହଜାର ବୁଥ୍‌ରେ ବୃକ୍ଷରୋପଣ କରିଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଏହି ସେବା ଓ ସମର୍ପଣ ଅଭିଯାନ ଆସନ୍ତା ୧୮ଦିନ ଧରି ଚାଲିବ । ଏହି ଉପଲକ୍ଷେ ଭୁବନେଶ୍ୱରେ ନବନିର୍ମିତ କାର୍ଯ୍ୟାଳୟ ଠାରେ କୃଷକ ମୋର୍ଚ୍ଚା ନେତୃତ୍ୱରେ ରାଜ୍ୟ ସଭାପତି ଙ୍କ ସହିତ ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ଅନିତା ଶୁଭଦର୍ଶନୀ, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ପିଙ୍କି ପ୍ରଧାନ, କୃଷକମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ପ୍ରମୁଖ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ । ପରିବେଶ ସଂରକ୍ଷଣ ଏବଂ ପୃଥିବୀକୁ ଜଳବାୟୁ ପରିବର୍ତନରୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଉଛନ୍ତି ଏବଂ ସେହି ଦିଗରେ ଦୃଢ଼ ପଦକ୍ଷେପ ନେଇଛନ୍ତି । ବ୍ୟାପକ ବୃକ୍ଷରୋପଣ ସହ ଜଳ ଓ ଜଳାଶୟମାନଙ୍କର ସଂରକ୍ଷଣ, ବର୍ଷାଜଳ ଅମଳ ଓ ତାହାର ପୁନଃ ବ୍ୟବହାର, ବର୍ଜ୍ୟବସ୍ତୁର ସୁପରିଚାଳନା ଓ ପୁନଃ ବ୍ୟବହାର, ଆଫୋର୍ଟେସନ, ମୃତିକା ସଂରକ୍ଷଣ ଏବଂ ଏଭଳି ଅନେକ ପଦକ୍ଷେପ ନେଇ ମୋଦି ସରକାର ପ୍ରକୃତିର ସୁରକ୍ଷା ପାଇଁ ନିଜ ପ୍ରତିବଦ୍ଧତା ପ୍ରମାଣିତ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ମହିଳା ମୋର୍ଚ୍ଚାର ସେବା ଓ ସମର୍ପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମଦିନ ଉପଲକ୍ଷେ ଭାରତୀୟ ଜନତା ପାର୍ଟି ରାଜ୍ୟ ମହିଳା ମୋର୍ଚ୍ଚା ସେବା ଓ ସମର୍ପଣ ଦିବସ ଭାବରେ ପାଳନ କରିଛି । ଏହି ଉପଲକ୍ଷେ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ତତ୍ୱାଧାନ ଓ କଟକ ନଗର ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ପ୍ରବିଣା ମହାପାତ୍ରଙ୍କ ସହଯୋଗରେ କଟକ ଚଣ୍ଡୀ ମନ୍ଦିରରେ ୭୧ଟି ଦୀପ ଦାନ ହୋଇଥିଲା । ସେବା ଓ ସମର୍ପଣ ଅଭିଯାନ ଅନୁଯାୟୀ ମହିଳା ମୋର୍ଚ୍ଚା କଟକ ମୁଣ୍ଡୁଳି ସ୍ଥିତ ସମ୍ପତରାୟ ରୋଟାରୀ ସିନିୟର୍ ସିଟିଜନ ହୋମ ବୃଦ୍ଧାଶ୍ରମକୁ ଯାଇ ସେଠି ଥିବା ବାସିନ୍ଦାଙ୍କୁ ଫଳ ଓ ଖାଦ୍ୟ ବଂଟନ କରିଥିଲେ ।

ସୀମା ବିବାଦର ସ୍ଥାୟୀ ସମାଧାନ ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୯/୯ (ନି.ପ୍ର): ଓଡ଼ିଶାର ପଡ଼ୋଶୀ ରାଜ୍ୟ ସହିତ ସୀମା ବିବାଦ ପ୍ରସଙ୍ଗରେ ଆଜି ସମାଜବାଦୀ ପାର୍ଟିର ଏକ ଦୁଇଜଣିଆ ପ୍ରତିନିଧି ଦଳ 'ପାର୍ଟି'ର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଓଡ଼ିଶାର ମହାମହୀମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ କରି ଏକ ତିନିଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବା ସହିତ ସୀମା ବିବାଦର ଶାନ୍ତିପୂର୍ଣ୍ଣ ସ୍ଥାୟୀ ସମାଧାନ ଦାବି କରିଛନ୍ତି । ଦଳ ପକ୍ଷରୁ ରାଜ୍ୟପାଳଙ୍କୁ ଦିଆଯାଇଥିବା ଏହି ସ୍ମାରକପତ୍ରର କୁହାଯାଇଛି ଯେ, ଓଡ଼ିଶାର ପାଖାପାଖି ୧୪ଟି ଜିଲ୍ଲାର ସୀମା ବିବାଦ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗଳା ସହିତ ରହିଛି । ଏହି ସୀମାନ୍ତବର୍ତୀ ଜିଲ୍ଲାଗୁଡ଼ିକର ପାଖାପାଖି ୯୬ଟି ରାଜସ୍ୱ ଗ୍ରାମ ଓ ୧୪ଟି ପଡ଼ା ଗ୍ରାମ ଉପରେ ପଡ଼ୋଶୀ ରାଜ୍ୟମାନେ ନିଜର ଅଧିକାର ସାବ୍ୟସ୍ତ କରୁଛନ୍ତି । ଯାହାଫଳରେ ସମୟ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ସୀମାନ୍ତବର୍ତୀ ଜିଲ୍ଲାଗୁଡ଼ିକର ବିକାଶ ବାଧାପ୍ରାପ୍ତ ହେଉଛି ଏବଂ ଜନସାଧାରଣ ମଧ୍ୟ ଏକ ଅସ୍ୱସ୍ତିକର ପରିବେଶ ଦେଇ ବଂଚି ରହୁଛନ୍ତି । ରାଜ୍ୟର ସୀମାବିବାଦକୁ ନେଇ ବିଧାନସଭାରେ ବହୁଥର ଝଡ଼ ଉଠିବା ସତ୍ତ୍ୱେ ମଧ୍ୟ ଏହାର ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ କରାଯାଇନାହିଁ । ଏଥିପାଇଁ ବିଧାନସଭାର ଏକ "ଗୃହ କମିଟି" ଗଠିତ ହୋଇଥିଲେ ମଧ୍ୟ କମିଟି ବିଭିନ୍ନ ଜିଲ୍ଲା ଗସ୍ତରେ ଯାଇ ସୀମା ବିବାଦର ସମାଧାନ କରିବାରେ ତତ୍ପରତା ପ୍ରକାଶ କରିପାରିନାହାଁନ୍ତି । ରାଜ୍ୟ ସରକାର ମଧ୍ୟ ସୀମା ବିବାଦ ସମାଧାନକୁ ନେଇ ଯେଉଁ ସକ୍ରୀୟତା ପ୍ରକାଶ କରିବା କଥା, ତାହା ମଧ୍ୟ କରିନାହାଁନ୍ତି । ଗତ ପାର୍ଲାମେ ଅଧିନରେ ଆନ୍ଧ୍ର ସରକାର ଯେତେବେଳେ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜରେ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଅନଧିକାର ପ୍ରବେଶ କଲେ, ତାକୁ ନେଇ ସମପାଜବାଦୀ ପାର୍ଟି ରାଜ୍ୟର ସାଂସଦମାନଙ୍କୁ ଏକ ପତ୍ର ଲେଖି ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର ହସ୍ତକ୍ଷେପ ଦାବି କରିଥିଲା ଏବଂ ପାର୍ଲାମେ ରେ ସୀମା ପ୍ରସଙ୍ଗକୁ ଉପସ୍ଥାପନ କରିବା ପାଇଁ ସାଂସଦମାନଙ୍କୁ ଅନୁରୋଧ କରିଥିଲେ ହେଁ ତାହା ଉପସ୍ଥାପିତ ହୋଇନଥିଲା । ଏଭଳି କି ପାର୍ଲାମେଂଟରେ ଭାରତ ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ରାୟ ଯେଉଁ ବିବୃତି ରଖିଥିଲେ ସେଥିରେ ଅନ୍ୟାନ୍ୟ ରାଜ୍ୟର ସୀମା ବିବାଦ ସ୍ଥାନ ପାଇଥିଲେ ମଧ୍ୟ ଓଡ଼ିଶାର ସୀମା ବିବାଦ ନେଇ କୌଣସି କଥା ଉଲ୍ଲେଖ କରାଯାଇନଥିଲା, ଯାହାକି ଓଡ଼ିଶା ପାଇଁ କେବଳ ଅପମାନଜନକ ନଥିଲା,ତାହା ଓଡ଼ିଶାବାସୀଙ୍କୁ ଘୋର ଦୁଃଖ ଓ ଆଘାତ ଦେଇଥିଲା । ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କର ଏହି ମନୋଭାବର ସୁଯୋଗ ନେଇ ଆଜି ଆନ୍ଧ୍ର ଓ ପଶ୍ଚିମବଙ୍ଗଳା ଓଡ଼ିଶା ମାଟିକୁ ଦଖଲ କରି ଦାଦାଗିରି କରିବାକୁ ମଧ୍ୟ ପଶ୍ଚାତପଦ ହେଉନାହାଁନ୍ତି । ଗତ ସେପ୍ଟେମ୍ବର ୯ ତାରିଖ ଦିନ ଗଜପତି ଜିଲ୍ଲାର ଗଙ୍ଗାବାଡ ପଂଚାୟତର ମାଣିକପାଟଣା ଗ୍ରାମର ମାଟି ଉପରେ ଠିଆହୋଇ ଆନ୍ଧ୍ରପ୍ରଦେଶର ପଶୁପାଳନ ମନ୍ତ୍ରୀ ଆପାଲା ରାଜୁ ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଯେଉଁ ନାଲି ଆଖି ଦେଖାଇଲେ ଓ ୧୦ ମିନିଟ୍‌ରେ ଆଇ.ସି.ଡି.ଏସ୍. ଘର ଭାଙ୍ଗିଦେବାର ଧମକ ଦେଲେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରଳ ଘଟଣା । ଓଡ଼ିଶା ସରକାର ଆନ୍ଧ୍ରର ସେହି ମନ୍ତ୍ରୀଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ କରିବାକୁ ଆମ୍ଭେ ଦାବି କରୁଛୁ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନିଜେ ସ

ଓଡିଶା ସାହିତ୍ୟ ଏକାଡେମୀ ବୈଠକରେ ଜୋର ଧରିଲା ମୟୂରଭଞ୍ଜର ଦାବି

ବାରିପଦା,୧୯/୦୯ (ନି.ପ୍ର): ଚଳିତ ବର୍ଷ ଓଡିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦର ବାର୍ଷିକ ବୈଠକରେ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିଶିଷ୍ଟ କବି ଓ ସାରସ୍ୱତ ସ୍ରଷ୍ଟାଙ୍କ ଜୟନ୍ତୀ ପାଳନ ହେଉଥିଲେ ହେଁ ରାଜ୍ୟର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜରେ ଜନ୍ମିତ ବରେଣ୍ୟ ଓଡ଼ିଆ ଭାଷାବିତ, ସାହିତ୍ୟ ଅନୁରାଗୀ ତଥା ସାରସ୍ୱତ ବରପୁତ୍ରଙ୍କ ପ୍ରତି ଅଣଦେଖା ହୋଇଥିବା, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପଦ୍ମନାଭ ସାହୁ ଏବଂ ଓଡିଶା ସାହିତ୍ୟ ଏକାଡେମୀର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ଅଜିତ ପାତ୍ର ସେପଟେମ୍ବର ୧୭ ତାରିଖରେ ଭୂବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଥିବା ଓଡିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ବୈଠକରେ ଦୃଢଭାବେ ଦାବୀ ଉପସ୍ଥାପନ କରିଛନ୍ତି । ୧୯୦୩ ମସିହାରେ ଅନୁଷ୍ଠିତ ପ୍ରଥମ ଉତ୍କଳ ସମ୍ମିଳନୀର ସଭାପତି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ, ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ନିମନ୍ତେ ୧୯୦୫ ମସିହାରେ ବାରିପଦାରୁ ଉତ୍କଳ ପ୍ରଭା, ମନୋରମା ଆଦି ପତ୍ରିକା ପ୍ରକାଶ କରି ଆମ ଓଡ଼ିଆ ଭାଷାର ଗୌରବ ବୃଦ୍ଧି କରିବା ସହିତ ତତ୍କାଳୀନ ସାରସ୍ୱତ ପ୍ରତିଭାଧରଙ୍କୁ ପ୍ରୋତ୍ସାହନ ଯୋଗାଇଛନ୍ତି । ସାରସ୍ୱତ ଜଗତର ଜଣେ ଯୁଗଜନ୍ମା ମହାପୁରୁଷଙ୍କ ସମ୍ମାନାର୍ଥ ଓଡିଶା ସାହିତ୍ୟ ଏକାଡେମୀ ଆଗାମୀ ଦିନରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଭାଷା ଓ ସାହିତ୍ୟ ପୁରସ୍କାର ପ୍ରଚଳନ କରିବା ସହିତ ମୟୂରଭଞ୍ଜ ମାଟିରେ ଜନ୍ମଗ୍ରହଣ କରିଥିବା ସାରସ୍ୱତ ଜଗତର ଅନ୍ୟଜଣେ ବରପୁତ୍ର, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗୀୟ ଚିନ୍ତାମଣି ବେହେରାଙ୍କ ସ୍ମୃତିରେ ମଧ୍ୟ ବର୍ଷକୁ ବର୍ଷ ଏକାଡେମୀ ତରଫରୁ ଜିଲ୍ଲାରେ 'ଚିନ୍ତାମଣି ଜୟନ୍ତୀ ଉତ୍ସବ' ପାଳନ ହେଉବୋଲି ବୈଠକରେ ଦାବୀ ଉପସ୍ଥାପନ ରଖିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ଏହି ଦାବୀ ଉପରେ ବୈଠକରେ ଉପସ୍ଥିତ ରାଜ୍ୟ ସରକାରଙ୍କ ମନୋନୀତ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା ଏବଂ ଅନ୍ୟାନ୍ୟ ସଦସ୍ୟ/ସଦସ୍ୟା ସମର୍ଥନ ଜଣାଇଥିବା ବେଳେ, ସଭାମଞ୍ଚରେ ଉପସ୍ଥିତ ଥିବା ସାହିତ୍ୟ ଏକାଡେମୀ ସଭାପତି ହୃଷିକେଶ ମଲ୍ଲିକ, ଉପସଭାପତି ସଂଗ୍ରାମ ଜେନା ଓ ସଚିବ ପ୍ରବୋଧ କୁମାର ରାଉତ ମଧ୍ୟ ପ୍ରସ୍ତାବ ଉପରେ ଆବଶ୍ୟକୀୟ ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବାର ଖବର ମିଳିଛି ।

ବିଜେପି ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୧୯/୦୯ (ନି.ପ୍ର): ବିଜେପି ଜିଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ କମିଟି ବୈଠକ ଭେନ୍ୟା ପାରାଡାଇଜ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଜେପି ଜିଲା ସଭାପତି ଉମାକାନ୍ତ ମାହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର, ଯୁବମୋର୍ଚ୍ଚା ରାଜ୍ୟ କର୍ମକର୍ତ୍ତା ସମର ଶଙ୍କର କାନୁନଗୋ, ସୁଶାନ୍ତ ପଟ୍ଟନାୟକ, ଯୁବମୋର୍ଚ୍ଚା ଜିଲା ପ୍ରଭାରୀ ସୂରଜ ସୂର୍ଯ୍ୟବଂଶୀ ,ସୁବୋଧ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଯୁବକର୍ମକର୍ତ୍ତାଙ୍କୁ ସାଙ୍ଗଠନିକ ଅଭିବୃଦ୍ଧି, ସଂରଚନା, ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ଉପରେ ପରାମର୍ଶ ଦେଇଥିଲେ। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଏହି ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଥିଲା। ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଯୁବମୋର୍ଚ୍ଚା ଜିଲା ପ୍ରଭାରୀ ରଞ୍ଜିତ ପ୍ରଧାନ, ବେଣୁ ମାଧବ ପଣ୍ଡା ଓ ଶୁଭମ ପଣ୍ଡାଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା ଓ ଶାନ୍ତି ପାଠ କରାଯାଇଥିଲା। ଜଲା ଯୁବମୋର୍ଚ୍ଚା ଉପ-ସଭାପତି ସଞ୍ଜୀବ ରାଉଳ ଶେଷେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ଜଲା ସଭାନେତ୍ରୀ ମନୀଷା ବେହେରା, ଜଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜଲା ସମ୍ପାଦକ ଆଶିଷ ଘୋଷ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖଙ୍କ ସମେତ ଜିଲାର ବିଭିନ୍ନ ମଣ୍ଡରଳରୁ ବହୁ ଯୁବ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ।

ପାରାଦୀପ ମୁହାଣରେ ବୋଟ୍ ବୁଡ଼ି, ୨ ନିଖୋଜ

ପାରାଦୀପ,୧୯/୦୯ (ନି.ପ୍ର): ରବିବାର ପାରାଦୀପ ମୁହାଣ ନିକଟରେ ଏକ ବୋଟ୍ ବୁଡ଼ିଯିବା ଘଟଣା ଘଟିଛି। ଫଳରେ ଏହି ବୋର୍ଟରେ ଥିବା ମସ୍‌ଜୀବିଙ୍କ ଭିତରୁ ୨ ଜଣ ନିଖୋଜ ହୋଇଥିବାବେଳେ ୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଏହି ବୋଟ୍ ମାଛ ଧରିବା ନିମନ୍ତେ ସମୁଦ୍ର ଭିତରକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

ପ୍ରେମଲତାଙ୍କୁ ଜାତୀୟ ପୁରସ୍କାର

ପାରାଦୀପ,୧୯/୦୯ (ନି.ପ୍ର): ଜଗତସିଂପୁର ଜିଲା ପାରାଦୀପ ଅଞ୍ଚଳର ସ୍ୱାସ୍ଥ୍ୟ ପରିଦର୍ଶିକା ପ୍ରେମଲତା ବାରିକଙ୍କୁ ୨୦୨୦ ବର୍ଷ ପାଇଁ ସମ୍ମାନଜନକ ଜାତୀୟ ଫ୍ଲୋରେନ୍ସ ନାଇଟଆଙ୍ଗଲ୍ ପୁରସ୍କାର ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୧୫ ତାରିଖରେ ଆୟୋଜିତ ଏକ ଭର୍ଚୁଆଲ କାର୍ଯ୍ୟକ୍ରମ ମାଧମରେ ମହାମହିମ ରାଷ୍ଟ୍ରପତି ରମନାଥ କୋବିନ୍ଦ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟା ଓ ରାଜ୍ୟମନ୍ତ୍ରୀ ଡ଼. ଭାରତୀ ପ୍ରବୀଣ ପାୱାରଙ୍କ ଉପସ୍ଥିତିରେ ଦେଶର ଏକାବନ ଜଣଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଉତ୍ସର୍ଗୀକୃତ ସେବା ପାଇଁ ଶ୍ରୀମତୀ ବାରିକ ଓଡ଼ିଶାରୁ ଏକମାତ୍ର ଏହି ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଏହା ସ୍ୱାସ୍ଥ୍ୟସେବା କର୍ମୀଙ୍କ ପାଇଁ ଏକ ବିରାଟ ଉଦାହରଣ ପାଲଟିଛି। ତେବେ ଏହି ସମ୍ମାନ ପ୍ରାପ୍ତି ପରେ ଓଡ଼ିଶାର ମହାମାହିମ ରାଜ୍ୟପାଳ ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀମତି ବାରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପରୀପ୍ରେକ୍ଷୀରେ ଶନିବାର ଜଗତସିଂପୁର ଜିଲା ପ୍ରଶାସନ ପକ୍ଷରୁ ପ୍ରେମଲତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ସିଡ଼ିଏମଓ, ଏଡ଼ିଏମଓ ଓ ଡ଼ିପିଏମଙ୍କ ସମେତ ପ୍ରେମଲତାଙ୍କ ସ୍ୱାମୀ ଧ୍ରୁବ ଚରଣ ମହାପାତ୍ର ଓ ତାଙ୍କର ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

ଯୋଗଗୁରୁ ମନ୍ମଥ ସାରଙ୍କ ସ୍ମୃତିରେ ରକ୍ତଦାନ ଶିବିର

ରାଜଘାଟ,୧୯/୦୯ (ନି.ପ୍ର): ବସ୍ତା ବ୍ଲକ ସନ୍ତୋଷପୁର (ଟୋଲଗେଟ) ସ୍ଥିତ ଏଲ.ଆଇ.ସି ପ୍ରିମିୟମ ପଏଣ୍ଟ ରେ ଓଡ଼ିଆ ପ୍ରାନ୍ତ ମୁନିସମାଜ ପ୍ରାକ୍ତନ ସମ୍ପାଦକ ଏବଂ ଗୁଡିଖାଲ ବିଦ୍ୟାଳୟ ର ପୂର୍ବତନ ପ୍ରଧାନଶିକ୍ଷକ ଯୋଗାଚାର୍ଯ୍ୟ ମନ୍ମଥ ମୁନିଙ୍କ ତୃତୀୟ ଶ୍ରଦ୍ଧାଞ୍ଜଳି ଦିବସ ଉପଲକ୍ଷେ ଆସନ୍ତା ତା:-୧୬-୧୦-୨୦୨୧ ରିଖ ଶନିବାର ଦିନ୍‌ଘ: ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସମ୍ବାଦ ଆମଓଡ଼ିଶା ପକ୍ଷରୁ ଅନୁଷ୍ଠିତ ହେବ। ଗୋପାଳ କୃଷ୍ଣ ମହାପାତ୍ରଙ୍କ ଆହ୍ୱାନ କ୍ରମେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମାଜସେବୀ ମନୋରଞ୍ଜନ ଦାସ, ତପନ କୁମାର ପରିଡା, ସ୍ୱରୂପ କୁମାର ବେହେରା, ମନୋରଞ୍ଜନ ବେହେରା, ଭଗବାନ ଅଣ୍ଡିଆ, ପ୍ରସନ୍ନ କୁମାର ପାତ୍ର, ରଘୁନାଥ ବିଶ୍ୱାଳ, ସରୋଜ କୁମାର ଚୌଧୁରୀ, ତାରାକାନ୍ତ ଦାସ, ଗଙ୍ଗାଧର ସାହୁ, ଚନ୍ଦନ କୁମାର ଜେନା, ଦଇତାରି ଦାସ, ସରୋଜ ବେହେରା, ଚନ୍ଦନ କୁମାର ମାନ୍ନା, ସଞ୍ଜୟ ଗିରି, ଅଶୋକ କୁମାର ସାହୁ, ମଦନମୋହନ ଦାସ, ଲମ୍ବୁଧର ବେହେରା, ଗୋବିନ୍ଦ ଦାସ, ମନୋଜ କୁମାର ଜେନା, ଲକ୍ଷ୍ମୀଧର ବାରିକ, ଙ୍କ ସହ ଆଞ୍ଚଳିକ ଶୁଭେଚ୍ଛୁ ବନ୍ଧୁ ଯୋଗଦେଇ ରକ୍ତଦାନ ଶିବିରକୁ ସଫଳତା କରିବା ସହ ଯୋଗଗୁରୁ ମନ୍ମଥ ସାରଙ୍କ ସ୍ମୃତି ଉଜ୍ଜୀବିତ କରିବା ପାଇଁ ଆଲୋଚନା କରିଥିଲେ। ଏହି ଶିବିର ସକାଳ ୯ଟାରେ ରାଜଘାଟ (ଟୋଲଗେଟ) ଏଲ.ଆଇ.ସି ପ୍ରିମିୟମ ପଏଣ୍ଟ ପରିସରରେ ଅନୁଷ୍ଠିତ ହେବ। ଏହି ଶିବିରରେ ବହୁସଂଖ୍ୟାରେ ଯୋଗଦେଇ ରକ୍ତଦାନ କରିବାକୁ ସୁରଥ କୁମାର ମହାପାତ୍ର ନିବେଦନ କରିଛନ୍ତି।

ଭାରତୀୟ ମଜଦୁର ସଂଘ ପକ୍ଷରୁ ରାଷ୍ଟ୍ରୀୟ ଶ୍ରମ ଦିବସ ଓ ବିଶ୍ୱକର୍ମା ଜୟନ୍ତୀ ପାଳନ

ଭଦ୍ରକ,୧୯/୦୯ (ନି.ପ୍ର): ଭାରତୀୟ ମଜଦୁର ସଂଘ ପକ୍ଷରୁ ରାଷ୍ଟ୍ରୀୟ ଶ୍ରମ ଦିବସ ଓ ବିଶ୍ୱକର୍ମା ଜୟନ୍ତୀ ଭଦ୍ରକ ବାଲ ଗୋପାଳ ମନ୍ଦିର ସଭାଗୃହରେ ସଂଘର ଜିଲ୍ଲା ସଭାପତି ମନୋଜ କୁମାର ବସନ୍ତରାୟଙ୍କ ପୌରୋହିତ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆରମ୍ଭ କରାଯାଇଥିଲା। ଉକ୍ତ ସଭାକାର୍ଯ୍ୟରେ ମନୋଜ ବସନ୍ତରାୟ ବିଶ୍ୱକର୍ମା ଜୟନ୍ତୀକୁ ରାଷ୍ଟ୍ରୀୟ ଶ୍ରମ ଦିବସ ଭାବେ ଘୋଷଣା କରାଯିବା ନେଇ ଦାବି ରଖିବା ସହ ବିଶ୍ୱକର୍ମା ଜୟନ୍ତୀକୁ ରାଷ୍ଟ୍ରୀୟ ଶ୍ରମ ଦିବସ ରୂପେ କାହିଁକି ପାଳନ କରାଯିବା କଥା ସେ ସମ୍ପର୍କରେ ନିଜର ଭାଷଣ ରଖିଥିଲେ। ପରେ ଜିଲ୍ଲା ସମ୍ପାଦକ ମୁକ୍ତିକାନ୍ତ ସାହୁ ଓ ସଂଗଠନ ସଂପାଦକ ପରେଶ୍ ନାଥ ଧଳଙ୍କ ନେତୃତ୍ୱରେ ଭାରତୀୟ ମଜଦୂର ସଂଘ ଦ୍ୱାରା ଅନୁବନ୍ଧିତ ବିଭିନ୍ନ ସଂଗଠନର ୧୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଲ ଓଡ଼ିଶା ଅଙ୍ଗନୱାଡି ସଙ୍ଘର ସଭାନେତ୍ରୀ ସୁମିତା ମହାପାତ୍ର, ଜୟନ୍ତୀ ଜେନା, ଜାନକୀ ଦାସ, କମଳାକାନ୍ତ ସାହୁ, ପ୍ରକାଶ ପାତ୍ର, ଅଶୋକ ସାହୁ, ନାରାୟଣ ପାଣିଗ୍ରାହୀ, ଜିତୁ ବାବୁ ଦାସ,ବସନ୍ତ ରାଉତ,ଲକ୍ଷ୍ମୀ ପ୍ରିୟା ରାଉତ, ବାଇଧର ଶତପଥୀ, ଜ୍ୟୋତି ପ୍ରକାଶ ଦାସ, ଅଭିଷେକ ଜେନା, ଅମୂଲ୍ୟ ଭୋଇ, କନକ ଲତା ବିଶ୍ୱାଳ, ପ୍ରମୁଖ ଯୋଗ ଦେଇଥିଲେ।

କପ୍ତିପଦା ଉପଖଣ୍ଡରେ ବନ୍ୟା ପରିସ୍ଥିତି

ଉଦଳା,୧୯/୦୯ (ନି.ପ୍ର): କିଛିଦିନ ଧରି ଲଗାଣ ବର୍ଷା ହେବା ଫଳରେ ଶିମିଳିପାଳରୁ ବାହାରିଥିବା ଓ କପ୍ତିପଦା ଉପଖଣ୍ଡ ମଧ୍ୟ ଦେଇ ପ୍ରବାହିତ କାଳ, କଣ୍ଟାଳ, ଶୋନ ଓ ଦେଓ ନଦୀରେ ବନ୍ୟା ଆସିଛି । ଉକ୍ତ ସମସ୍ତ ନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ଉପଖଣ୍ଡ ସହିତ ବାହାର ଦୁନିଆଁର ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସବୁ ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ଦମକଳ ବାହିନୀ ଓଡ୍ରାଫ୍ଟ ଟିମ ପ୍ରସ୍ତୁତ ଥିବାର ଜଣାପଡ଼ିଛି ।

ଆଇଓସିଏଲ ଟର୍ମିନାଲରେ ଅଗ୍ନିକାଣ୍ଡ, ତଥ୍ୟ ଲୁଚାଉଛନ୍ତି କର୍ତ୍ତୃପକ୍ଷ

ପାରାଦୀପ,୧୯/୦୯ (ନି.ପ୍ର): ପାରାଦୀପ ଅଠରବାଙ୍କି ନକଟସ୍ଥ ବାଉରିଆ ପାଳନ୍ଦା ନିକଟରେ ଥିବା ଇଣ୍ଡିଆନ୍ ଅଏଲ ଟର୍ମିନାଲରେ ରବିବାର ମଧ୍ୟାହ୍ନରେ ଆକସ୍ମିକ ଭାବେ ଅଗ୍ନାକଣ୍ଡ ଘଟିଛି। ଦମକଳ ପହଞ୍ଚି ନିଆକୁ ଆୟତ କରିବାକୁ ଦୀର୍ଘ ସମୟ ଲାଗିଥିଲା। ଏହି ସ୍ଥାନରେ ପେଟ୍ରୋଲ, ଡ଼ିଜେଲ, କିରୋସିନି ଓ ଗ୍ୟାସ ସବୁ ସମୟରେ ମହଜୁଦ ରହିଥାଏ। ଏଠାରେ ନିଆଁ ଲାଗି ପ୍ରାୟ ବହୁ ସମୟ ଧରି ଧୁଆଁ ବାହାରୁଥିବା ଦେଖି ନିକଟସ୍ଥ ବାଲିଝରା ଓ ବାଉରିଆ ପାଳନ୍ଦା ବସ୍ତିର ଲୋକମାନଙ୍କ ମଧ୍ୟରେ ଭୟର ବାତାବାରଣ ସୃଷ୍ଟି ହୋଇଥିଲା। ଏହି ଦୁଇ ବସ୍ତିରେ ପ୍ରାୟ ୫ ରୁ ୬ ହଜାର ଲୋକ ବସବାସ କରୁଛନ୍ତି। ଅଗ୍ନିକାଣ୍ଡ ସମ୍ପର୍କରେ ଆଇଓସିଏଲ କର୍ତ୍ତୃପକ୍ଷ ତଥ୍ୟ ଲୁଚାଇବାକୁ ଉଦ୍ୟମ କରିବା ସାଧାରଣରେ ବିସ୍ମୟ ସୃଷ୍ଟି କରୁଛି।

୨୭ର ଭାରତ ବନ୍ଦ ସଫଳ ପାଇଁ ସଂଯୁକ୍ତ କୃଷକ ସଂଘର୍ଷ ମୋର୍ଚ୍ଚାର ପ୍ରସ୍ତୁତି

ବାଲେଶ୍ୱର,୧୯/୦୯ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ଓ ଶ୍ରମିକ ଆଇନ ବାତିଲ ଦାବିରେ କେନ୍ଦ୍ରୀୟ ସଂଗଠନଙ୍କ ଆହ୍ୱାନ କ୍ରମେ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଭାରତ ବନ୍ଦକୁ ବାଲେଶ୍ୱରରେ ସଫଳ କରିବା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ କୃଷକ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସହରର ଫାଣ୍ଡିଛକସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚାର ସଭାପତି ରବୀନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଆବାହକ ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ନିର୍ମଳ ନାୟକ, ବିକାଶ ଦାସ, ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଅସିତ ବରଣ ଦାସ, ବିଜୟ ପାତ୍ର, ନିକୁଞ୍ଜ ବସନ୍ତ ରାୟ, ନିରଂଜନ ପରିଡ଼ା, ପ୍ରେମ ରଞ୍ଜନ ପାତ୍ର, ଉମାକାନ୍ତ ଦାସ, ବନ୍ଦନା ବିଶ୍ୱାସ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ। ବିଶେଷ କରି କୃଷକ ଓ ଶ୍ରମିକଙ୍କ ସ୍ୱାର୍ଥହାନୀ କରୁଥିବା କଳା ଆଇନକୁ ବାତିଲ କରିବା ଏକାନ୍ତ ଆବଶ୍ୟକ ହୋଇ ପଡ଼ିଥିବା ସେମାନେ ମତ ଦେଇଥିଲେ। ଏନେଇ କେନ୍ଦ୍ରୀୟ ସଂଗଠନମାନଙ୍କ ଆହ୍ୱାନରେ ଆସନ୍ତା ୨୭ ତାରିଖରେ ହେବାକୁ ଥିବା 'ଭାରତ ବନ୍ଦ' ଧର୍ମଘଟକୁ ସମର୍ଥନ ସହ ଏହାକୁ ବାଲେଶ୍ୱରରେ ସଫଳ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏନେଇ ଆସନ୍ତା ୨୫ ଓ ୨୬ ତାରିଖରେ ଡାକବାଜିରେ ପ୍ରଚାର, ପଥପ୍ରାନ୍ତ ସଭା, ମୋଟର ସାଇକେଲ ଶୋଭାଯାତ୍ରା ହେବ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଓଡିଶା ସ୍ଥାବର ସଂପତ୍ତି ....

ଓଡିଶା ଅଶୋକ ପରିଜା ଏବଂ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ, ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ, ଏହାର ଅର୍ବାନ ହାଉସିଂ ମିଶନ ଜରିଆରେ ଟ୍ରିବ୍ୟୁନାଲର ଏହି ସ୍ଥାୟୀ ନୂତନ କାର୍ଯ୍ୟାଳୟ ପ୍ରକୋଷ୍ଠଗୁଡିକର ନବୀକରଣ ପାଇଁ ସମସ୍ତ ପ୍ରକାର ପ୍ରଶାସନିକ, ଆର୍ଥିକ ଓ ଆନୁଷଙ୍ଗିକ ସହଯୋଗ ପ୍ରଦାନ କରିଥିଲେ ଏବଂ ଇଡ୍‌କୋ ତରଫରୁ କରୋନା ମହାମାରୀ ଲକ୍ ଡାଉନ୍, ସଟ୍ ଡାଉନ୍ ସ୍ଥିତିରେ ମଧ୍ୟ ନିର୍ମାଣ କାର୍ଯ୍ୟ ସୁଚାରୁରୂପେ ସଂପନ୍ନ କରାଯାଇଛି । ଏଣିକି ଏହି କୋର୍ଟରୁ ଆଇନ୍ ସହାୟତା ପାଇଁ ଅପେକ୍ଷାରତ ବ୍ୟକ୍ତି, ଆଇନଜୀବୀ, ସାଧାରଣ ଜନତା, ସରକାରୀ ଓ ବେସରକାରୀ ସଂସ୍ଥାର କର୍ତ୍ତୃପକ୍ଷମାନେ ଟ୍ରିବ୍ୟୁନାଲର ନୂତନ ଠିକଣା-ଏ-୧ ବ୍ଲକ, ୭ମ ମହଲା, ତୋଷାଳୀ ଭବନ,ସତ୍ୟନଗର ଭୁବନେଶ୍ୱର,ଜିଲ୍ଲା-ଖୋର୍ଦ୍ଧା,ଓଡିଶା-ପିନ୍-୭୫୧୦୦୭ ସହିତ ଇମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ ।

ପ୍ରିୟଙ୍କା ହେବେ....

ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ନେତୃତ୍ୱରେ ଦଳ ଆସନ୍ତା ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଲଢ଼ିବ। ତେବେ ସେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ କି ନାହିଁ, ସେ ନିଷ୍ପତ୍ତି ସେ ନିଜେ ନେବେ। ସେହିଭଳି କଂଗ୍ରେସ ଅଧ୍ୟକ୍ଷ ପଦକୁ ନେଇ ଚାଲିଥିବା ଚର୍ଚ୍ଚା ସଂପର୍କରେ ମଧ୍ୟ ସେ ନିଜ ପ୍ରତିକ୍ରିୟା ଦେଇଥିଲେ। ସଲମାନ ଖୁର୍ସିଦ କହିଥିଲେ, ଆମର ଜଣେ ଅଧ୍ୟକ୍ଷ ଅଛନ୍ତି। ଆମେ ଆଉ ଜଣେ ଅଧ୍ୟକ୍ଷ ଚାହୁଁନାହୁଁ। ଆମ ଅଧ୍ୟକ୍ଷଙ୍କ

ବାଲେଶ୍ୱର ସୋମବାର, ୨୦ ସେପ୍ଟେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗୋଟିଏ ଦିନରେ ୬୨୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୯/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୨୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୦୨୪୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୯୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୬ ହଜାର ୩୨୦ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୭୩୬ ରହିଛି। ଆଜି ଚିହ୍ନଟ ହୋଇଥିବା ୬୨୩ ଜଣଙ୍କ ମଧ୍ୟରୁ ୩୬୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୭୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମ୍ବରେ ଅନୁଗୁଳ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୮ ଜଣ, ବରଗଡ଼ରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଭଦ୍ରକରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୭୪, ଦେବଗଡ ଜିଲ୍ଲାରୁ ୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୧ ଜଣ ଓ ଗଂଜାମ ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୨୯ ଜଣ, ଯାଜପୁରରୁ ୨୮ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧ ଓ କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ବନ୍ଧୁକ ଦେଖାଇ ଗ୍ରାମବାସୀଙ୍କୁ ଡରାଇବା ମାହାଙ୍ଗା ପଡିଲା

ବସ୍ତା,୧୯/୦୯ (ନି.ପ୍ର): ସିଂଲା ଥାନା ସାର୍ଥା ଗ୍ରାମରେ ଅଘଟଣ, ବିଚରାସ୍ତାରେ ଜଣେ ଯୁବକ ଗାଁ ଲୋକଙ୍କୁ ବନ୍ଧୁକ ଦେଖାଇ ନିଶା ଖାଇବାକୁ ଟଙ୍କା ମାଗିବାକୁ ନେଇ ଚର୍ଚ୍ଚା। ସୂଚନା ଅନୁସାରେ ଗ୍ରାମର ହରେନ ଗରୁଡ ଙ୍କ ପୁଅ ସିଲନ ଗରୁଡ ସର୍ବଦା ନିଶାସକ୍ତ ଅବସ୍ଥାରେ ରହି କେତେବେଳେ କାହାକୁ ଧମକ ଦିଏ ତ କେତେବେଳେ ନିଜର ନିଶା ବେପାର କୁ ବଢାଇବା ପାଇଁ ଖରାପ ଭାଷାରେ ଗାଳିଗୁଲଜ କରିଥାଏ। ଗ୍ରାମବାସୀ ଙ୍କ କହିବା ଅନୁସାରେ ସିଲନ ଦୀର୍ଘ ଦିନ ଧରି ବ୍ରାଉନ ସୁଗାର କାରବାର କରି ଗ୍ରାମ ର ଅନେକ ଯୁବକକୁ ନଷ୍ଟ କରିସାରିଥିବା ବେଳେ ନିଜ କୁ ଟିଟୋ ଗେଙ୍ଗ ର ସଦସ୍ୟ କହି ସର୍ବଦା ଅନ୍ୟ ମାନଙ୍କୁ ଭୟଭୀତ କରିଆସୁଥିଲେ। ଆଜି ଗ୍ରାମ ର ରାସ୍ତା ଉପରେ ଅର୍ଥ ପାଇଁ ଗ୍ରାମ ର ଯୁବକ ନିତ୍ୟାନନ୍ଦ ସେଠୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମାରିଦେବା ର ଧମକ ଦେଉଥିବା ସମୟରେ ଗ୍ରାମବାସୀ ମାନେ ଅଟକାଇ ବାକୁ ଚେଷ୍ଟା କରି ସଫଳ ହୋଇପାରି ନଥିଲେ।ପରେ ସାର୍ଥା ଫାଣ୍ଡି ଅଧିକାରୀ ଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଫାଣ୍ଡି ଅଧିକାରୀ ଗୌରଗୋପାଳ ଦାସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକକୁ ଜବତ ସହିତ ଆସାମୀକୁ ଅଟକ ରଖିଛନ୍ତି। ପ୍ରକାଶ ଥାଉକି ସିଲନ ପୂର୍ବରୁ ବହୁ ରାହାଜାନୀ, ଛିନ୍ତାଇ, ହତ୍ୟା ମାମଲାରେ ଜଡିତ ଥିବା ବେଳେ , ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବୀ ମାନେ କହିଛନ୍ତି।

ସାଇକେଲ ଚଲାଇ ଲୋକଙ୍କୁ ସଚେତନତା

ଜୟପୁର,୧୯/୦୯ (ନି.ପ୍ର): ଫିଟ ଇଣ୍ଡିଆ ଫିଟ ଜୟପୁର ର ନାରା ଦେଇ ସାଇକେଲ ଚଲାଇ ଲୋକଙ୍କୁ ସଚେତନ କରାଯାଉଛି। ଜୟପୁର ରଜାନହର ଛକ ଠାରୁ ସାଇକେଲ ଶୋଭାଯାତ୍ରା ବାହାରି ଦିଗାପୁର ପର୍ଯ୍ୟନ୍ତ ସାଇକେଲ ଚଲାଇ ଲୋକଙ୍କୁ ସଚେତନ କରାଯାଇଥିଲା ସ୍ୱେଚ୍ଛାସେବି ଅନୁଷ୍ଠାନ ସିଓ ତରଫରୁ ଏପରି କାର୍ଯ୍ୟ ହାତକୁ ନିଆଯାଇଛି। କୋଭିଡ ନିୟମ ଅନୁଯାଇ ସାଇକେଲ ଶୋଭାଯାତ୍ରା ବାହାର କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ବ୍ୟାୟାମର ଉପକାରିତା, କୋଭିଡ ନିୟମ ମାନିବା, ହାତ ଧୋଇବା, ମାସ୍କ ପିନ୍ଧିବା, ଦୁରତା ରକ୍ଷା କରିବା ଆଜି ଲୋକଙ୍କୁ ସଚେତନ କରାଯାଇଛି।

ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବାରିପଦା,୧୯/୦୯ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରା ଜଜ୍ କାର୍ଯ୍ୟାଳୟ ପରିସରରେ ତା.୧୯.୧୦.୨୦୨୧ ରିଖରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ, ମୟୂରଭଞ୍ଜ ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ (ପାର୍ଟ-ଏ) ଅନ୍ତର୍ଗତ ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ୪୧୭ ଟି ବିଭିନ୍ନ ବ୍ୟାଙ୍କ ଋଣ ଆଦାୟ ମାମଲା ଏବଂ ଅନ୍ୟାନ୍ୟ ଫୌଜଦାରୀ ଓ ଦେୱାନୀ ମାମଲା ସମ୍ପର୍କୀତ ୧୪ଟି ମାମଲାର ଫଇସଲା କରାଯାଇ ମୋଟ୍ ୧ କୋଟି ୨୩ଲକ୍ଷ ୯୧ହଜାର ୩୪୨ ଟଙ୍କା ଆଦାୟ କରାଯାଇଥିବା ବେଳେ ସେହିପରି (ପାର୍ଟ-ବି) ଅନ୍ତର୍ଗତ ବକେୟା ଥିବା ବିଭିନ୍ନ ମାମଲା ମଧ୍ୟରେ ଫୌଜଦାରୀ ୪ଟି, ଏନ୍ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୨୫ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୭ଟି ମାମଲା, ଏମ୍ଏସିଟି ମାମଲା ୨୪ଟି, ବୈବାହିକ ବିବାଦ ୮ଟି ଏବଂ ଅନ୍ୟାନ୍ୟ ଦେୱାନୀ ମାମଲା ୧୭ଟି ଓ ଅନ୍ୟାନ୍ୟ ୨ ଟି ଫୌଜଦାରୀ ମାମଲା ସମେତ ମୋଟ ୮୭ଟି ମାମଲାର ଫଇସଲା କରାଯାଇ ମୋଟ୍ ୧କୋଟି ୫୦ଲକ୍ଷ ୧୬ ହଜାର ୩୪୫ଟଙ୍କା ଆଦାୟ କରାଯାଇ ସର୍ବମୋଟ୍ ୫୧୮ଟି ଉପରୋକ୍ତ ବିଭିନ୍ନ ମାମଲାର ଫଇସଲା ହୋଇ, ସର୍ବମୋଟ ୨କୋଟି ୭୪ଲକ୍ଷ ୭ହଜାର ୬୮୭ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଅନୁଷ୍ଠିତ ଏହି ଲୋକ ଅଦାଲତରେ ଫେମିଲି କୋର୍ଟ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଚୌଧୁରୀ ପ୍ରବୀର କୁମାର, ଏଡିଜେ ତଥା ସତନ୍ତ୍ର ପୋକ୍ସୋ ଅଦାଲତ ଶ୍ରୀ ମହେନ୍ଦ୍ର କୁମାର ସୁତ୍ରଧର, ସିଜେଏମ୍ ଡ. ଦୀପକ ରଞ୍ଜନ ସାହୁ, ଆସିଷ୍ଟାଂଟ ସେସନ୍ସ ଜଜ୍ ତଥା ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ ଶ୍ରୀ ସୁଦୀପ କୁମାର ଦାସ, ସିନିୟର ସିଭିଲ୍ ଜଜ୍ ଶ୍ରୀମତୀ ଲିଲିପ୍ସା ପାସୟତ, ସିନିୟର ସିଭିଲ୍ ଜଜ୍ (ଏଲ୍ଆର୍) ମିସ୍ ଦୀପା ଦାସ, ଅତିରିକ୍ତ ସିନିୟର ବରିଷ୍ଠ ସିଭିଲ୍ ଜଜ୍ ଶ୍ରୀ ଅପୂର୍ବା ଚୌଧୁରୀ, ଦ୍ୱିତୀୟ ଅରିତିକ୍ତ ବରିଷ୍ଠ ସିଭଲ୍ ଜଜ୍ ମିସ୍ ଦେବଶ୍ରୀ ସାହୁ, ସେକ୍ରେଟାରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୌମ୍ୟରୂପ ସାହୁ, ଏସ୍.ଡି.ଜେ.ଏମ. ଡ. ରୀନତି ମିଶ୍ର, ଅତିରିକ୍ତ ସିଭିଲ ଜଜ୍ ତଥା ଜେଏମଏଫସି ଶ୍ରୀମତୀ ଅନନ୍ୟା ଅପରିମିତା, ଅତିରିକ୍ତ ସିଭିଲ ଜଜ୍ ତଥା ଜେଏମଏଫସି ମିସ୍ ଜରିନ ଖାନ, ପିଏଲଏ(ପିୟୁସି) ଚେୟାର ପର୍ସନ ବିଜୟ କୁମାର ମିଶ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସଂପୃକ୍ତ କୋର୍ଟରେ ଆଗତ ହୋଇଥିବା ମାମଲା ଗୁଡିକର ଫଏସଲା ହୋଇଥିଲା। ଅନୁଷ୍ଠିତ ଉକ୍ତ ଲୋକ ଅଦଲତରେ ସରକାରୀ ଅଧିବକ୍ତା ଶ୍ରୀ ହିମାଂଶୁ ପାଣିଗ୍ରାହୀ ଓ ସ୍ଥାନୀୟ ଆଇନଜୀବୀ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିବେଳେ ଏଥିରେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ / ଘରୋଇ ବ୍ୟାଙ୍କର ଅଧିକାରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୩୦,୭୭୩ ନୂଆ ମାମଲା

ନୂଆଦିଲ୍ଲୀ,୧୯/୦୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୦,୭୭୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ମୋଟ ୩୦୯ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩,୩୨,୧୫୮ ଥିବା ବେଳେ ବର୍ତମାନ ସୁଦ୍ଧା ୪,୪୪,୮୩୮ଜଣ ମୃତ୍ୟୁ ବରଣ କରିଛନ୍ତି।

କୁଡୁମୀ ସମ୍ପ୍ରଦାୟର କରମ ପର୍ବ ପାଳିତ

ବାରିପଦା,୧୯/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କୁଡୁମୀ, ଭୁମୀଜ, ମୁଣ୍ଡା, ଲୋହାର ଆଦି ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ଗ୍ରାମ ଗୁଡିକରେ କରମ ପର୍ବ ପାଳିତ ହୋଇଯାଇଛି। କରମ ପର୍ବ ପ୍ରତିବର୍ଷ ଭାଦ୍ରବ ମାସ ଏକାଦଶୀ ତିଥିରେ ପାଳନ କରାଯାଇଥାଏ। ତିନି ଦିନ ପୂର୍ବରୁ ନବମୀ ଦିନ କର୍ତା ଓ ବ୍ରତଧାରୀ ମାନେ ଉପାସନା ଆରମ୍ଭ କରିଥାନ୍ତି। ଏହି ଦିନ ବ୍ରତଧାରୀ ମାନେ କଇଁ ଫୁଲ, ଧାନଗଛ, ଅଁଳା, କଇମ ଆଦି ଡାଳପତ୍ର ସଂଗ୍ରହ କରି ପୂଜାର୍ଚ୍ଚନା କରିଥାନ୍ତି। ଲୋକ ବିଶ୍ୱାସ ରହିଛି ଯାହାର ମାନସିକ ପୂର୍ଣ୍ଣ ହୁଏ ବା ମାନସିକ ରହିଥାଏ ପ୍ରତିବର୍ଷ ଭାଦ୍ରବ ମାସ ଏକାଦଶୀ ତିଥି ରାତିରେ କଇଁମ(କରମ) ଗଛକୁ ପୂଜାର୍ଚ୍ଚନା କରି ଡାଳକୁ ଆଣି ଘର ଅଗଣାରେ ବିଧିମୁତାବକ ସ୍ଥାପନା କରି ପୂଜାର୍ଚ୍ଚନା ପରେ ବ୍ରତଧାରୀ ଝିଅ ବୋହୂମାନେ ସାରା ରାତି ଝୁମର ଓ ଜାଦୁର ଆଦି ପାରମ୍ପାରିକ ନାଚଗୀତ କରନ୍ତି। ପ୍ରକୃତିକୁ କୁଡୁମୀ ସମ୍ପ୍ରଦାୟ ଆବାହନ କାଳରୁ ପୂଜା କରି ଆସୁଥିବା ବେଳେ, ପ୍ରତିବର୍ଷ ଭାଦ୍ରବ ଦ୍ୱାଦଶୀ ତିଥିରେ ନିତିକାନ୍ତି ସମାପନ ପରେ କରମ ଡାଳକୁ ବିସର୍ଜନ କରି ବ୍ରତଧାରୀ ଝିଅ ବୋହୂମାନେ ଶୌଚ ହୋଇ ଖାଦ୍ୟ ଗ୍ରହଣ କରିଥାନ୍ତି। କଇଁମ ବା କରମ ଗଛର ଡାଳକୁ ପୂଜା କରୁଥିବାରୁ ଏହାର ନାମ କରମ ପର୍ବ କୁହାଯାଇଥାଏ। ଏହି ପର୍ବ ଓଡିଶା ସମେତ ଆସାମ, ପଶ୍ଚିମବଙ୍ଗ, ଝାରଖଣ୍ଡ, ବିହାର ଆଦି ରାଜ୍ୟ ମାନଙ୍କରେ ଢୋଲ ମାଦଳର ତାଳେତାଳେ ନାଚ ଗୀତରେ କରମ ପର୍ବ ପାଳନ କରିଥାନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲାରେ କୁଡୁମୀ ଜାତି ବ୍ୟତୀତ ବିଶେଷକରି ଭୂମୀଜ, ମୁଣ୍ଡା, ଲୋହାର ଆଦି ବହୁ ଜନଜାତିର ଲୋକେ ଏହି କରମ ପର୍ବ ପାଳନ କରିଥାନ୍ତି। ଆଜି ଦ୍ୱାଦଶୀ ତିଥି ଥିବାରୁ ଡାଳି ବିସର୍ଜନ କରାଯାଇଥିବାର ଦେଖା ଯାଇଥିଲା।

ଭୁଷୁଡିଲା ଘର : ପର ଓଳିତଳେ ପରିବାର

ଜଳେଶ୍ୱର, ୧୯/୯(ନିପ୍ର) : ଗତ କିଛିଦିନ ଧରି ଲଗାଣ ବର୍ଷା ଓ ପରେ ସୁବର୍ଣ୍ଣରେଖା ନଦୀର ବନ୍ୟାଯୋଗୁଁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଝାଡପିମ୍ପଳ ଗାଁ ର ମନୋରଂଜନ ବାରିକଙ୍କ ଏକ ଘର ଭୁଷୁଡି ପଡିଛି। ଘରଟି ମାଟିରେ ତିଆରି ଚାଳଛପର ହୋଇଥିବାରୁ ପ୍ରବଳ ବର୍ଷାଯୋଗୁଁ ମାଟିକାନ୍ଥର ମୂଳ ଓଦା ହେବା ଏବଂ ଚାଳଛପର ହୋଇଥିବା ଯୋଗୁଁ ବର୍ଷାରେ ଅଧିକ ଭାରି ହେବାରୁ ଗୋଟିଏପଟ କାନ୍ଥ ଓଲଟି ଯାଇଛି। ୧୮ ତାରିଖରେ ମନୋରଂଜନଙ୍କ ପରିବାରର ଘରେ ଥିବା ବେଳେ କିଛିସମୟଧରି ଶବ୍ଦ ଲାଗି ରହିଥିଲା। ଭୟଭିତ ହୋଇ ସେମାନେ ଘର ବାହାରକୁ ଦୌଡି ପଳାଇଆସିବାପରେ ଧରାସାଇ ହୋଇଥିଲା। ଘରର ସମସ୍ତ ଆସବାପତ୍ର. ଧାନଚାଉଳ, ଲୁଗାପଟା ସବୁ ମାଟିତଳେ ପୋତିହୋଇ ରହିଛି। ମନୋରଂଜନର ପରିବାରବର୍ଗ ଭଂଗା ଘରର ଗୋଟିଏ ପଟେ ବିପଜ୍ଜନକ ଅବସ୍ଥାରେ ରହୁଥିବା ବେଳେ ଅନ୍ୟ କେତେକେ ପଡୋଶଙ୍କ ପିଣ୍ଡାରେ ଆଶ୍ରା ନେଇଛନ୍ତି। ଅନ୍ୟପକ୍ଷରେ ଗାଁର ଝାଡେଶ୍ୱର ଜେନା, ଆଶିଷ ଗିରି, ଯଦୁମଣି ନାୟକ ଏ ସମ୍ପର୍କରେ ଜଳେଶ୍ୱର ତହସିଲଦାର ଶଂକର ପଟ୍ଟନାୟକଙ୍କୁ ଜଣାଇବାପରେ ପଶ୍ଚିମବାର୍ଡ ଆର୍ଆଇ ସନ୍ତୋଷ ବେହେରା ଏକ ପଲିଥିନ ଦେଇଛନ୍ତି।

ବନ୍ୟାଞ୍ଚଳ ଓ ନଦୀର ଅତଡା ଖସିବା ସ୍ଥାନ ବୁଲି ଦେଖିଲେ ସାଂସଦ

ଜଳେଶ୍ୱର ୧୯/୯(ନିପ୍ର) : ଲଘୁଚାପ ଜନିତ ବର୍ଷା ଫଳରେ ବିଭିନ୍ନ ଗ୍ରାମାଞ୍ଚଳର ଦୂରାବସ୍ଥା ଓ ପରେ ସୁବର୍ଣ୍ଣରେଖା ନଦୀର ଦେଖା ଦେଇଥିବା ବନ୍ୟା ଯୋଗୁଁ ନଦୀବନ୍ଧ ଭୁସୁଡିବା ସ୍ଥାନ ବୁଲି ଦେଖିଲେ ବାଲେଶ୍ୱରର ସାଂସଦ ପ୍ରତାପ ଷଡଙ୍ଗୀ। ସାଂସଦ ଶ୍ରୀ ଷଡଙ୍ଗୀ ଜଳେଶ୍ୱର-ଲକ୍ଷ୍ମଣନାଥ ନଦୀବନ୍ଧର ଦୂରବସ୍ଥା ବୁଲି ଦେଖିବା ସହିତ ଅତିଶୀଘ୍ର ଅତଡା ଖସିଥିବା ସ୍ଥାନରେ ସ୍ଥାୟୀ ବନ୍ଧ ନିର୍ମାଣ କରିବାକୁ ଜିଲାପାଳ ଓ ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖିଥିବା କହିଛନ୍ତି। ଲକ୍ଷ୍ମଣନାଥରୁ ଜଳେଶ୍ୱର ନଦୀବନ୍ଧଟି ୨୦୦୮ ମସିହାରେ ସଂପୂର୍ଣ୍ଣ ଧୋଇଯିବା ଯୋଗୁଁ ଜଳେଶ୍ୱର ସହରରେ ବନ୍ୟାପାଣି ପଶିବା ସହିତ ଧ୍ୱସ୍ତ, ବିଧ୍ୱସ୍ତ କରିଥିଲା। ସହରର ପ୍ରତିଘରେ ୫ଫୁଟ ଉଚ୍ଚର ବନ୍ୟାପାଣି ଓ ପ୍ରବଳ ସ୍ରୋତ ଯୋଗୁଁ ବହୁ ରାସ୍ତାଘାଟ ଓ ଘର ଧ୍ୱଂସ ହୋଇଥିଲା। ଏହାକୁ ମନେ ପକାଇ ଏହି ନଦୀବନ୍ଧକୁ ସୁଦୃଢ କରିବାକୁ ଜଳ ସଂପଦ ବିଭାଗର କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ସେ ଦେଇଥିଲେ ।। ପରେ ସେ ପଶ୍ଚିମବଂଗରୁ ଉଦ୍‌ବୃତ୍ତ ବର୍ଷାପାଣି ଆସି କ୍ଷତି ଘଟାଇଥିବା ସମ୍ପତ୍ତିଆ, ନେତୁଆ, ଖାଲିନା, ନାମ୍ପୋ, ଝାଡପିମ୍ପଳ ଓ ବାଇଗଣ ବାଡିଆ ପଂଚାୟତ ବୁଲି ଲୋକମାନଙ୍କ ଦୁଃଖ ଦୁର୍ଦ୍ଦୁଶା ଦେଖିବା ସହିତ ଦୁର୍ଗତ ଲୋକଙ୍କୁ ପଲିଥିନ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହିତ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର. ମିଡିଆ ପ୍ରଭାରୀ, ନଗର ସଭାପତି ଫାଲଗୁନି ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପ୍ରବୀର ପ୍ରଧାନ. ଯୁବମୋର୍ଚ୍ଚା ସଭାପତି ରବିନ୍ଦ୍ର ପାତ୍ର, ସମୀର ପାତ୍ର, ସୁମତୀ ଦେ ପ୍ରମୁଖ ଉପସ୍ଥିତ ଥିଲେ।

ଓଡିଶା ସାମ୍ବାଦିକ ସଂଘର ୧୦ ମ ବାର୍ଷୀକ ଜିଲ୍ଲା ସମ୍ମିଳନୀ

ଭଦ୍ରକ,୧୯/୦୯ (ନି.ପ୍ର): ରବିବାର ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ୧୦ମ ବାର୍ଷିକ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ଜ୍ଞାନ ପ୍ରକାଶ ପାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀକୁ ଉଦଘାଟକ ଭାବେ ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ ଯୋଗଦେଇ ଉଦଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି ସରକାର ଯତ୍ନବାନ ଅଛନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଯୋଗଦେଇ ସାମ୍ବାଦିକମାନେ ନିର୍ଭିକ ଭାବେ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଉପରେ ଗୁରୁତ୍ୱରୋପ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଧାମନଗର ବିଧାୟକ ତଥା ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ ଯୋଗଦେଇ ସାମ୍ବାଦିକଙ୍କ ବହୁ ସମସ୍ୟା ଉପରେ ଆଲୋକପାତ କରିବା ସହ ସେମାନଙ୍କ ଜୀବନଯାପନ ଶୈଳୀ ଉପରେ ବକ୍ତବ୍ୟ ରଖିଥିଲେ। ଏଥି ସହ ସବୁ ସମୟରେ ସତ ଉନ୍ମୋଚନ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସରକାର ସାମ୍ବାଦିକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବା ଦରକାର ବୋଲି ଶ୍ରୀ ସେଠୀ କହିଥିଲେ। ଅନୁରୂପ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପିତାମ୍ବର ସାମଲ, ଅମୃତ ଦର୍ଶନର ସଂପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସଂପାଦକ ଶଶୀଭୂଷଣ ପ୍ରହରାଜ, ରାଜ୍ୟ ସଂଯୋଜକ ବିଶ୍ୱରଂଜନ ପାଣିଗ୍ରାହୀ ନିଜର ସାରଗର୍ଭକ ଭାଷଣ ରଖିଥିଲେ। ଜିଲ୍ଲା ସଂପାଦକ ଉଦ୍ଧବ ଚରଣ ମିଶ୍ର ସଂପାଦକୀୟ ବିବରଣୀ ରଖିଥିବାବେଳେ, ସଂଘର ବରିଷ୍ଠ ସଭ୍ୟ ବିରେନ୍ଦ୍ର ଜେନା ପ୍ରାରମ୍ଭିକ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଗୋ-ସେବା, ସମାଜସେବା, ରକ୍ତଦାନ ପରି ନିସ